## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳକ ମୃତ

**ବାହାନଗା, ୫।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ କଲ୍ୟାଣି ଗ୍ରାମର ଗଜେନ୍ଦ୍ର ଜେନାଙ୍କ ସାନପୁଅ ଅଜିତ୍ କୁମାର ଜେନା(୧୭) ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ସେ ଘରେ ଥିବା ଅଟାକଳରେ ଗହମ ପେଷୁଥିବା ବେଳେ ଚାର୍ଜ ହୋଇଥିବା ମେଶିନ ସଂସ୍ପର୍ଶରେ ଆସି ହଠାତ୍ ତଳେ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଅଜିତଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଡାକ୍ତର ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

**ରୂପ୍‌ସା, ୫।୯(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ବାହାବଳପୁର ସାମୁଦ୍ରିକ ଥାନା ବାହାବଳପୁର ଗ୍ରାମର କାର୍ତ୍ତିକ ଜେନାଙ୍କ ଦେଢ଼ବର୍ଷର ପୁଅ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ବୁଧବାର ଅପରାହ୍ଣରେ ସେ ଖେଳୁଥିବାବେଳେ ଘର ସାମ୍ନାରେ ଥିବା ପୋଖରୀରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ତାଙ୍କୁ ପୋଖରୀରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

### ସୋର ନାଗରିକ ମଞ୍ଚର ଧାରଣା ସ୍ଥଗିତ

**ସୋର, ୫।୯(ଡି.ଏନ.ଏ.):** ବିଭିନ୍ନ ଦାବି ନେଇ ସୋର ନାଗରିକ ମଞ୍ଚ ପକ୍ଷରୁ ୭ ତାରିଖରେ ଷ୍ଟେଶନରେ ହେବାକୁ ଥିବା ଗଣଧାରଣା ସ୍ଥଗିତ ରଖାଯାଇଛି। ଏହି ଷ୍ଟେଶନରେ ନୀଳାଚଳ ଏକ୍ସପ୍ରେସ୍ ରହଣି ବନ୍ଦ ହେବାର ବିଭାଗୀୟ ନିଷ୍ପତ୍ତି ବିରୋଧରେ ଏହି ଧାରଣା ନିଷ୍ପତ୍ତି ହୋଇଥିଲା। ରେଳ ବିଭାଗ ସହ ଆଲୋଚନା ପରେ ପୂର୍ବପରି ନୀଳାଚଳ ଏକ୍ସପ୍ରେସ୍ ରହଧି ଓ ଟିକେଟ୍ ବୁକିଂ ଚାଲୁ ହେବାରୁ ମଞ୍ଚ ସଭାପତି ନେତ୍ରାନନ୍ଦ ରାଉତଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଧାରଣାକୁ ସ୍ଥଗିତ ରଖାଯାଇଛି। ପୂର୍ବ ଦାବି ଅନୁଯାୟୀ ଅନୁସନ୍ଧାନ କାଉଣ୍ଟର, ବଗି ସୂଚନା ଫଳକ, ପରିମଳ ବ୍ୟବସ୍ଥା ରେଳ ବିଭାଗ ନ କଲେ ବାଧ ହୋଇ ମଞ୍ଚ ପକ୍ଷରୁ ପୁଣି ଧାରଣା ଦିଆଯିବ ବୋଲି ସମ୍ପାଦକ ଡ. ନରହରି ନାୟକ ସୂଚନା ଦେଇଛନ୍ତି।

### ଯୁବକଙ୍କ ସଲିଳ ସମାଧି

**ବସ୍ତା, ୫।୯(ସ୍ୱ.ପ୍ର.):** ବସ୍ତା ବ୍ଲକ ଟିକରପଡ଼ା ଗ୍ରାମର ଭୂପତି ଦଳାଇ(୪୫)ଙ୍କ ସଲିଳ ସମାଧି ଘଟିଛି। ଗୁରୁବାର ସେ ନିକଟସ୍ଥ କୋଇଲିଜୋଡ଼ ନାଳରେ ଶୌଚ ପାଇଁ ଯାଇଥିବା ବେଳେ ଗଭୀର ଜଳ ମଧକୁ ଚାଲିଯାଇଥିଲେ। କିଛି ସମୟ ଖୋଜାଖୋଜି କରିବା ପରେ ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବସ୍ତା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି।

# ବିପଦରେ ଗୋସମ୍ପଦ



- ୨ କେନ୍ଦ୍ରରେ ନାହାନ୍ତି ପ୍ରାଣୀଧନ ନିରୀକ୍ଷକ
- ୭ କେନ୍ଦ୍ରରେ ଆଟେଣ୍ଡାଣ୍ଟ ଶୂନ

**ବାଞ୍ଛାନିଧି ଦେ**
**ରୂପ୍‌ସା, ୫।୯**

ବାଲେଶ୍ୱର ଜିଲା ସଦର ବ୍ଲକରେ ଗୋସମ୍ପଦ ଏବେ ବିପଦରେ। ବିଭିନ୍ନ ପ୍ରାଣୀ ଚିକିତ୍ସାଳୟ ଓ ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ରରେ ଡାକ୍ତର, ନିରୀକ୍ଷକ ଓ ଆଟେଣ୍ଡାଣ୍ଟ ପଦବୀ ଫାଙ୍କା ପଡ଼ିଛି। ଫଳରେ ପ୍ରାଣୀ ଚିକିତ୍ସା ଓ ଟିକାକରଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ରୂପ୍‌ସା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟକୁ ଉଦାହରଣ ଭାବେ ନିଆଯାଇପାରେ। ୨୦୧୦ରୁ ଏହି ଚିକିତ୍ସାଳୟର ନୂତନ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଏଯାବତ୍ ଏହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ବିଭାଗୀୟ ଅପାରଗତା ପାଇଁ ସ୍ଥାନୀୟ ବାସିନ୍ଦା ଦାୟୀ କରିଛନ୍ତି।

ସଦର ବ୍ଲକର ୩୭ଟି ପଞ୍ଚାୟତ ମଧ୍ୟରୁ ରୂପ୍‌ସା ପ୍ରାଣୀ ଚିକିତ୍ସାଳୟ ଅଧୀନରେ ୨୧, ରସାଲପୁର ଚିକିତ୍ସାଳୟ ଅଧୀନରେ ୧୫ ଓ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ଅଧୀନରେ ଗୋଟିଏ ପଞ୍ଚାୟତ ରହିଛି। ରୂପ୍‌ସା ପ୍ରାଣୀ ଚିକିତ୍ସାଳୟ ଅଧୀନରେ ଥିବା ୨୧ ପଞ୍ଚାୟତ ପାଇଁ ହଳଦୀପଦା, ଶ୍ରୀରାମପୁର, ସାର୍ଥା, ଛାନୁଆ, ମାଣିକୁଲା, ପରିକ୍ଷୀ ଓ କୁଡ଼ିଆ ଆଦି ସ୍ଥାନରେ ୭ଟି ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର ରହିଛି। ଏହି ସମସ୍ତ କେନ୍ଦ୍ରରେ କୌଣସି ଆଟେଣ୍ଡାଣ୍ଟ ନାହାନ୍ତି। ପରିକ୍ଷୀ କେନ୍ଦ୍ରରେ ନିରୀକ୍ଷକ ମଧ ନାହାନ୍ତି। ରୂପ୍‌ସା ମୁଖ୍ୟ ଚିକିତ୍ସାଳୟରେ ଜଣେ ଭିଏଏସ୍ ଓ ଜଣେ ଆଟେଣ୍ଡାଣ୍ଟ ଥିବା ବେଳେ ଜଣେ ପ୍ରାଣୀଧନ ନିରୀକ୍ଷକ ଓ ଜଣେ ଆଟେଣ୍ଡାଣ୍ଟଙ୍କ ପଦବୀ ଦୀର୍ଘଦିନ ହେଲା ଫାଙ୍କା ପଡ଼ିଛି। ଏଠାରେ ନିର୍ମିତ ହୋଇଥିବା ପୁରୁଣା ଆଜବେଷ୍ଟସ ଛପର ବିଶିଷ୍ଟ ଗୋଦାମଘର ଓ କାର୍ଯ୍ୟାଳୟ ପରିତ୍ୟକ୍ତ ଅବସ୍ଥାରେ ରହିଛି। ୨୦୧୦-୧୧ ବର୍ଷ ଆର୍ଥିକ ବର୍ଷରେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଆର୍‌ଆଇଡିଏଫ୍ ଯୋଜନାରେ ନୂତନ ଚିକିତ୍ସାଳୟ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୯ବର୍ଷ ବିତିଯାଇଥିଲେ ହେଁ ଏଯାବତ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଓ ମନମୁଖି କାର୍ଯ୍ୟ ପାଇଁ ଚିକିତ୍ସାଳୟର ଅବସ୍ଥା ବଦଳି ପାରିନାହିଁ।



ଅଧାପନ୍ତରିଆ ରୂପ୍‌ସା ପ୍ରାଣୀ ଚିକିତ୍ସାଳୟ।

ତଥ୍ୟ ଅନୁଯାୟୀ ରୂପ୍‌ସା ପ୍ରାଣୀ ଚିକିତ୍ସାଳୟ ଅଧୀନରେ ଗୋସମ୍ପଦ ୩୭,୭୪୯, ଛେଳି ୨୧,୩୯୩ ଓ କୁକୁଡ଼ା ୭୧,୬୧୨ ରହିଛନ୍ତି। ପ୍ରାଣୀଧନ ନିରୀକ୍ଷକ, ଆଟେଣ୍ଡାଣ୍ଟଙ୍କ ଅଭାବ ଯୋଗୁ ଚିକିତ୍ସା ସେବା ଠିକ୍ ଭାବେ ଯୋଗାଇ ଦିଆଯାଇ ପାରୁନାହିଁ। ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବାରେ ସମସ୍ତ ପଞ୍ଚାୟତ ମଧ ସାମିଲ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଗୋରୁଙ୍କୁ ବଜବଜିଆ, ସାହାଣ, ଫାଟୁଆ, ଛେଳିବସନ୍ତ, ଛେଳିମଡ଼କ, ଆନ୍ତ୍ରିକ ଜ୍ୱର ଟିକାକରଣରେ ମଧ ବ୍ୟାଘାତ ସୃଷ୍ଟି ହେଉଛି।

ଏ ସମ୍ପର୍କରେ ପ୍ରାଣୀ ଚିକିତ୍ସକ ଡା. ସତ୍ୟନାରାୟଣ ପୃଷ୍ଟିଙ୍କୁ ଯୋଗାଯୋଗ କରାଯିବାରୁ ସମସ୍ତ ସମସ୍ୟା ସତ୍ତ୍ୱେ ଛେଳି, କୁକୁଡ଼ା, ଗୋ ଚାଷୀଙ୍କୁ ନେଇ ଆବଶ୍ୟକ ପ୍ରଶିକ୍ଷଣ ଓ ସଚେତନତା ଶିବିର ଅନୁଷ୍ଠିତ ହେଉଛି। ସମସ୍ତ ପଞ୍ଚାୟତରେ ପ୍ରାଣୀ ଚିକିତ୍ସା ଓ ଭ୍ରାମ୍ୟମାଣ ସେବା ଯୋଗାଇ ଦେବା ପାଇଁ ସର୍ବଦା ପଦକ୍ଷେପ ନିଆଯାଉଛି। ଫାଙ୍କା ପଡ଼ିଥିବା ଆଟେଣ୍ଡାଣ୍ଟ ପଦବୀ ପୂରଣ ହେଲେ ଆହୁରି ସୁବିଧା ଉପଲବ୍ଧ ହୋଇପାରିବ।

# ‘ଶିକ୍ଷାଦାନକୁ ପ୍ରାଥମିକତା ଦିଅ’

**ଖଇରା, ୫।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅଧୀନ ଖଇରା ପ୍ରାଥମିକ ଶିକ୍ଷକ ସଂଘ ଭବନ ପରିସରରେ ପବିତ୍ର ଗୁରୁ ଦିବସ ତଥା ତ୍ରୟୋଦଶ ବାର୍ଷିକ ଉତ୍ସବ ସଭା ସମ୍ବର୍ଦ୍ଧନା ପର୍ବ ମଧରେ ପାଳିତ ହୋଇ ଯାଇଛି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ସଭାପତି କମଳଲୋଚନ ଜେନା ଏଥିରେ ପୌରୋହିତ୍ୟ କରିଥିଲେ। ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକମାନଙ୍କୁ ବହୁ କାର୍ଯ୍ୟରେ ନିୟୋଜିତ କରାଯାଉଛି। ହେଲେ ସବୁ ଜିନିଷକୁ ଗୌଣ ଦୃଷ୍ଟିରେ ଦେଖି ପାଠପଢାକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ସେ କହିଥିଲେ। ସୋର ୟୁଏନ କଲେଜର ପୂର୍ବତନ ଅଧକ୍ଷ ବିଜୟ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗୁରୁ ଶିଷ୍ୟ ପରମ୍ପରାର ପବିତ୍ର ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ଖଇରା ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ଉପାଧକ୍ଷ ଜୟନ୍ତ ରାଉତ, ବିଡିଓ ମହେଶ ଚୌଧୁରୀ, ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦର୍ଶନ ରାଉତ, ଗୋଲକ ବିହାରୀ ପାଢୀ, ଶ୍ରୀଧର ବେହେରା, ଉପଦେଷ୍ଟା ଦାମୋଦର ନାୟକ ଓ ନାରାୟଣ ପ୍ରସାଦ ପେଡା, ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା ଓ କଳ୍ପନା ନାଇକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ କୈଳାସ ବେହେରା ବିବରଣୀ ପାଠ ଓ ରିତାରାଣୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖପତ୍ର ପ୍ରଜ୍ଞାଶ୍ରୀ ଉନ୍ମୋଚିତ ହୋଇଥିଲା। ମାଖନପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲିଙ୍ଗରାଜ ପାଣିଗ୍ରାହୀଙ୍କୁ ସରସ୍ୱତୀ ସମ୍ମାନ ଓ ଅବସରପ୍ରାପ୍ତ ଶିକ୍ଷକ ସୃଷ୍ଟିଧର ଘଡେଇ, ପଦ୍ମନାଭ ପଣ୍ଡା, ବ୍ରଜକିଶୋର ଦାସ, ଚକ୍ରଧର ଜେନା, ଚିନ୍ତାମଣି ବେହେରା, ସୁପ୍ରଭା ଦାଶ, ଅଭିମନ୍ୟୁ ନାୟକ, ଭାସ୍କର ଚନ୍ଦ୍ର ପାଣ୍ଡିଆ, ଅନନ୍ତ ଚନ୍ଦ୍ର ପରିଡା, ମହେନ୍ଦ୍ର ଦାସଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସଂଘର ଉପସଭାପତି ଗୋବିନ୍ଦ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ମୁଖପତ୍ର ‘ପ୍ରଜ୍ଞାଶ୍ରୀ’ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଉଛି।




ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ଅତିଥି।

- ଯୋଗେନ୍ଦ୍ର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

# ଛାତ୍ରୀଛାତ୍ରଙ୍କ ସ୍ୱପ୍ନରେ ରହିଛି ସମ୍ଭାବନା

**ରୂପ୍‌ସା, ୫।୯(ଡି.ଏନ.ଏ.)**

ଶିକ୍ଷା ଦ୍ୱାରା ସଂସ୍କାରୀ, ସମୟାନୁବର୍ତ୍ତୀ ମଣିଷ ନିର୍ମାଣ ହୋଇଥାଏ। ସେଥିପାଇଁ ଅଧ୍ୟୟନ ସମୟରୁ ସାଧନା, ନିଷ୍ଠା ଓ ଲକ୍ଷ୍ୟ ସ୍ଥିର କରିବା ଆବଶ୍ୟକ। ବାସ୍ତବରେ ଛାତ୍ରୀଛାତ୍ରଙ୍କ ସ୍ୱପ୍ନରେ ହିଁ ଭବିଷ୍ୟତ ସମ୍ଭାବନା ରହିଥାଏ ବୋଲି ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ଯୋଗଦେଇ ମୁଖ୍ୟଅତିଥି ନୀଳଗିରି ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡ. କନକଲତା ହାତୀ ଓ ମୁଖ୍ୟବକ୍ତା ବାଲିକୁଦା ମହାବିଦ୍ୟାଳୟର ଅଧ୍ୟାପକ ପ୍ରହ୍ଲାଦ ଜେନା ମତବ୍ୟକ୍ତ କରିଛନ୍ତି।

ବାଲେଶ୍ୱର ସଦର ବ୍ଲକ ଆଙ୍କୋ ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ଓ ସ୍ୱାଗତ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ପ୍ରତିଷ୍ଠାତା ଡ. ତପନ କୁମାର ବେହେରା ପୌରୋହିତ୍ୟ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ. ଅଜୟ କୁମାର ବେହେରା, ଅଧ୍ୟାପକ ରତନ ବେହେରା, ଶ୍ରୀଧର ବେହେରା, ହରିଶଙ୍କର ସାହୁ, ପ୍ରିୟବ୍ରତ ମହାନ୍ତି, ମାନସ ମହାପାତ୍ର, ଅଧ୍ୟାପିକା ଭକ୍ତିଲତା ମହାନ୍ତି, କରିସ୍ମା ସାହେବା, ପୁଷ୍ପଲତା ମହାନ୍ତି, ମଧୁସ୍ମିତା ପଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇ ଗୁରୁଦିବସର ମହତ୍ତ୍ୱ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ସୁବଳ କୁମାର ପଣ୍ଡା, ସରୋଜ କୁମାର ସାହୁ, ଅବନୀ କୁମାର ପଣ୍ଡା ଓ ପୁଷ୍ପଲତା ନାୟକଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ନୃତ୍ୟ,ଗୀତ ପରିବେଷଣ କରିଥିଲେ। ଛାତ୍ରୀ ମଧୁସ୍ମିତା ବେହେରା, ସଂଯୁକ୍ତା ଗିରି, ସୁମିତ୍ରା ବାରିକ, ସ୍ନାତକି ଗିରି, ଦୀପ୍ତିମୟୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ‘ପ୍ରଶାସନର ଅବହେଳାକୁ ବରଦାସ୍ତ କରାଯିବନି’

**ବାଲେଶ୍ୱର ଅଫିସ, ୫।୯**

ପ୍ରଶାସନ ବରିଷ୍ଠ ନାଗରିକମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରୁଛି। ଏନେଇ ଗୁରୁବାର ପୂର୍ବାହ୍ଣରେ ସ୍ଥାନୀୟ ନୃତ୍ୟ ସଙ୍ଗୀତ କଳା ମନ୍ଦିରରେ ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ କୋର କମିଟି ବୈଠକରେ କ୍ଷୋଭ ପ୍ରକାଶ କରାଯାଇଛି। ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ସରକାର ଗୁରୁତ୍ୱାରୋପ କରି ଆସୁଥିବା ବେଳେ ଜିଲାସ୍ତରୀୟ ଅଧିକାରୀମାନେ ସେମାନଙ୍କ ପ୍ରତି ହେୟ ମନୋଭାବ ପୋଷଣ କରୁଛନ୍ତି। ଏହାକୁ ବରଦାସ୍ତ କରାଯିବନି। ପ୍ରତିବାଦରେ ମଞ୍ଚ ପକ୍ଷରୁ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ଜିଲାରେ ବସବାସ କରୁଥିବା ପ୍ରାୟ ୨ଲକ୍ଷ ୫୦ହଜାରରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକମାନଙ୍କ ସାମାଜିକ ଓ ଆର୍ଥିକ ନିରାପତ୍ତା ଏବଂ ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ କ୍ଷେତ୍ରରେ ଜିଲା ପ୍ରଶାସନ, ପୋଲିସ୍ କର୍ତ୍ତୃପକ୍ଷ ଓ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଲଗାତର ବୈମାତୃକ ମନୋଭାବ ପୋଷଣ କରାଯାଉଛି। ସରକାରଙ୍କ ଦ୍ୱାରା ପ୍ରତିଷ୍ଠା ହେବାକୁ ଥିବା ଅସହାୟ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ପୁନର୍ବାସ ପ୍ରକଳ୍ପ ଲାଗି ଏଯାଏ ଜମି ଅଧିଗ୍ରହଣ ହୋଇ ନ ପାରିବା, ଜିଲା ମୁଖ୍ୟ ଚିକିତ୍ସାଳୟରେ ସରକାରଙ୍କ ଅର୍ଥରେ ନିର୍ମିତ ହୋଇଥିବା ଏରିଆଟ୍ରିକ୍ ସ୍ୱତନ୍ତ୍ର ୱାର୍ଡ଼କୁ ଜରାରୋଗୀଙ୍କ ଚିକିତ୍ସା ଲାଗି କାର୍ଯ୍ୟକ୍ଷମ କରାଯାଉ ନ ଥିବା, ଜିଲା ମୁଖ୍ୟ ଚିକିତ୍ସାଳୟର ବହିର୍ବିଭାଗରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଖୋଲାଯାଇଥିବା ସ୍ୱତନ୍ତ୍ର ଟିଠା କାଉଣ୍ଟର ୭ଦିନ କାର୍ଯ୍ୟକ୍ଷମ ହୋଇ ପରେ ବନ୍ଦ ହୋଇଯିବା, ପୋଲିସ୍ ମହାନିର୍ଦ୍ଦେଶକଙ୍କ ସର୍କୁଲାର ଅନୁଯାୟୀ ଜିଲାର ଅସଂଖ୍ୟ ନିଃସହାୟ ବୃଦ୍ଧା ଓ ବୃଦ୍ଧଙ୍କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରା ନ ଯିବା, ବାର୍ଦ୍ଧକ୍ୟଭତ୍ତା ପ୍ରଦାନ କ୍ଷେତ୍ରରେ ଉପଯୁକ୍ତ ହିତାଧିକାରୀ ଚୟନରେ ପାତରଅନ୍ତର କରାଯାଉଥିବା ଆଦି ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା ଅଭିଯୋଗ କରିଥିଲେ। ଗୌରାଙ୍ଗ ପାଣିଗ୍ରାହୀ, ଶରତ ଚନ୍ଦ୍ର ଦାଶ, ଉପେନ୍ଦ୍ର ପ୍ରସାଦ ଦାଶ, ଗୋପୀନାଥ ଦାସ, ବିଷ୍ଣୁପ୍ରସାଦ ମହାନ୍ତି, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଅନ୍ତର୍ଯ୍ୟାମୀ ପ୍ରଧାନ, ରାଜେନ୍ଦ୍ର ନାଥ ରାଉତ, ଦେବେନ୍ଦ୍ର ନାଥ ଚୌଧୁରୀ, ମନୋରଞ୍ଜନ ପାଳ, ପ୍ରଭାସିନୀ କର ପ୍ରମୁଖ ସଦସ୍ୟାସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



କୋର କମିଟି ବୈଠକରେ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା।

- ଚେତାବନୀ ଦେଲା ବରିଷ୍ଠ ନାଗରିକ ମଞ୍ଚ
- ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ନିଷ୍ପତ୍ତି

# ନିର୍ଯାତିତା ପାଳିତା କନ୍ୟା ଉଦ୍ଧାର

**ବାଲିଆପାଳ, ୫।୯(ସ୍ୱ.ପ୍ର.)**

ଦୀର୍ଘ ୧୩ବର୍ଷ ଧରି ପାଳିଥିବା ଏକ କନ୍ୟାକୁ ନିର୍ଯାତନା ଦେବା ଓ ଘରୁ ପଳାଇଯିବାକୁ ବାଧ କରିବା ଅଭିଯୋଗ ହେବା ପରେ ଗୁରୁବାର ବାଲିଆପାଳ ଚାଇଲ୍ଡଲାଇନ ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରିଛି। ତାଙ୍କୁ ଜିଲା ଶିଶୁ ମଙ୍ଗଳ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି।

ବାଲିଆପାଳ ଥାନା ଖଗଡ଼ାପାଳ ଗ୍ରାମର ମନ୍ମଥ ମହାକୁଡ଼ ନିଃସନ୍ତାନ ଥିଲେ। ୧୩ବର୍ଷ ପୂର୍ବେ ସେ ଏକ ପିଲାକୁ ପୋଷ୍ୟ ସନ୍ତାନ କରି ରଖିବା ପାଇଁ ଖୋଜାଖୋଜି କରୁଥିଲେ। ଗତ ୨୦୦୬ ମସିହାରେ ଘଣ୍ଟୁଆ ଗ୍ରାମର ଜଣେ ବ୍ୟକ୍ତିଙ୍କ ବର୍ଷକର ଝିଅକୁ ନିଜର ଝିଅ କରିଆଣି ଯତ୍ନର ସହ ଲାଳନପାଳନ କଲେ। ଏହାପରେ ତାଙ୍କର ତିନୋଟି ସନ୍ତାନ ଜନ୍ମ ହେଲା। ନିଜର ପିଲା ହେବା ପରେ ପାଳିତା କନ୍ୟା ପ୍ରତି ତାଙ୍କର ସ୍ନେହ କମିଯାଇଥିଲା। ସେମାନେ ତାକୁ ଘରେ ଓ ବାହାରେ ବିଭିନ୍ନ କାମ କରିବାକୁ ବାଧ କରୁଥିଲେ। କାମ ନ କଲେ ମନ୍ମଥ ଏବଂ ତାଙ୍କ ସ୍ତ୍ରୀ ମାରପିଟ୍ କରୁଥିଲେ। ଏପରିକି ତାଙ୍କୁ ଘରେ ତାଲା ପକାଇ ରଖୁଥିଲେ। ଘର ଛାଡ଼ି ପଳାଇ ଯିବାକୁ ପରୋକ୍ଷରେ ମଧ ବାଧ କରୁଥିଲେ। ପାଳିତା ବାପା ଓ ମା’ ଏପରି ନିର୍ଯାତନା ଦେଉଥିବା ନାବାଳିକାଙ୍କ ନିଜ ମା’ କୌଶଲ୍ୟା ରଣା ଜାଣି ଚାଇଲ୍ଡଲାଇନକୁ ଖବର ଦେଇଥିଲେ। ଚାଇଲ୍ଡଲାଇନ ପକ୍ଷରୁ କ୍ରିଷ୍ଣାରାଣୀ ଅଣ୍ଡିଆ, କୁନିମଣି ଭୂୟାଁ, ଉତ୍ତମ ନାୟକ ଏବଂ ବାଲିଆପାଳ ଥାନାର ଏଏସ୍‌ଆଇ ରାମଚନ୍ଦ୍ର ପୁହୁଲ ଗୁରୁବାର ପୂର୍ବାହ୍ଣରେ ମନ୍ମଥ ମହାକୁଡ଼ଙ୍କ ଘରକୁ ଯାଇ ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି।


## ମନେ ପଡ଼ନ୍ତି

**୧୧ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଦିଗମ୍ବର ନାୟକ**
ମଠକରଗୋଳା, ଢେଙ୍କାନାଳ
ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ
ଆବିର୍ଭାବ: ୧୭।୦୬।୧୯୬୩
ତିରୋଧାନ: ୦୬।୦୯।୨୦୦୮
(ଭାଦ୍ରବ ଶୁକ୍ଳପକ୍ଷ ସପ୍ତମୀ)
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସତ୍ୟନିଷ୍ଠ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ଧର୍ମପତ୍ନୀ: ପ୍ରଜିଳା, ପୁତ୍ର: ଦିପୁନ, ଲିକୁନ, ପୁତ୍ରବଧୂ: ପ୍ରିୟଙ୍କା, ଶାଶୁ, ଶ୍ୱଶୁର, ସଢୁ, ଦେଢଶାଶୁ, ଶାଳୀ, ପୁତୁରା, ଝିଆରୀ, ପରିବାରବର୍ଗ ଓ ବନ୍ଧୁ ପରିଜନ।
ଧ-୬୬୮୧୬

**ଦ୍ୱାଦଶାହ ଦିବସ**



**ଅହଲ୍ୟା ସ୍ୱାଇଁ**
ଝାଡବନ୍ଧ (ଗଞ୍ଜାମ)
ତିରୋଧାନ : ୨୬.୮.୨୦୧୯
ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମରଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।
ହତଭାଗ ସ୍ୱାମୀ ରଘୁନାଥ ସ୍ୱାଇଁ
ଶୋକସନ୍ତପ୍ତ ପରିବାର ବର୍ଗ
ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ
ଧ-୧୪୨୨୭

CLASSIFIED DISPLAY

ଏମିତ ପାଠ ପଢନ୍ତୁ ଯେଉଁ ପାଠ ଆପଣଙ୍କୁ ରୋଜଗାରକ୍ଷମ କରିପାରିବ
Bhava Institute Of Medical Science & Research
ରେ ଖୋଲିଛି ସମ୍ପୂର୍ଣ୍ଣ ରୋଜଗାରକ୍ଷମ ପାଠ୍ୟକ୍ରମ
DIPLOMA PROGRAMME
- GNM (Nursing)
- ANM (Nursing)
- DMRT (X-Ray)
- DMLT (Pathology)
ELIGIBILITY : +2 PASS
CERTIFICATE PROGRAMME
- MEDICAL LAB TECH.
- X-RAY TECH
- O.T TECH
- WARD TECH
- DIALYSIS TECH
ELIGIBILITY : MATRIC PASS
ପାରା ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୨୯ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15,
Phone : 0674 - 2553122, 9040009727, 8456845313 (M)

LEARN CCTV ପ୍ରଶିକ୍ଷଣ କେନ୍ଦ୍ର
Become a CCTV Engineer
Start your own Business in Low Investment
INSTALLATION & NETWORKING
CCTV Training Centre. Become a CCTV Engineer in Just 25 days
- CCTV, Biometric & EPABX Marketing, Installation & Technical Training.
- Onsite Practice
- Internship
- 100% Job Placement
- Class Detailing
- 100% Practical Training
- Hostel Facility available
ଅଳ୍ପ ପାଠୁଆ ବି ଯୋଗ୍ୟ ଇଞ୍ଜିନିୟର ହୋଇପାରିବେ ।
SECURE TECHNICAL INSTITUTE Patia Square Bhubaneswar
7064320000, 9583171111

Life Care Emporium
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS
Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

ଶ୍ରବଣ ସମସ୍ୟା?
Free Hearing Check-up Camp (Going on at all Audizone Centres)
- Exchange Offer
- EMI Facility
- Attractive Discount
ଶ୍ରବଣ ଯନ୍ତ୍ର DIGITAL HEARING AID
signia Life sounds brilliant. SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

## ସଂକ୍ଷେପରେ

### ଧାନ ବିଲରେ ପଡ଼ି ଚାଷୀଙ୍କ ମୃତ୍ୟୁ

**ଭଣ୍ଡାରିପୋଖରୀ, ୫।୯ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ଥାନା ଅଧୀନ ଷୋଳମପୁର ପଞ୍ଚାୟତ ବିରୋଳି ଗ୍ରାମର ନକୁଳ ଜେନା(୪୮) ଧାନ କ୍ଷେତରେ ପଡ଼ି ପ୍ରାଣ ହରାଇଛନ୍ତି। ଗୁରୁବାର ସକାଳେ ସେ ଧାନ ବିଲକୁ କାମ ପାଇଁ ଯାଇଥିଲେ। ବିଲକୁ ଅନ୍ୟ ଲୋକ ଚାଷ ପାଇଁ ଯାଇଥିବା ବେଳେ ନକୁଳଙ୍କୁ ମୃତ ଅବସ୍ଥାରେ ଦେଖିଥିଲେ। ନକୁଳଙ୍କର ବାତ ଥିବାରୁ ଚାଷଜମିରେ ପଡ଼ି ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି।

### ପୁଷ୍ଟି ସପ୍ତାହ ପାଳିତ

**ଧାମନଗର, ୫।୯ (ଡି.ଏନ.ଏ.):** ଧାମନଗର ବ୍ଲକ ଧୂଷୁରୀ ପଞ୍ଚାୟତ ଅଧୀନ ଅଙ୍ଗନୱାଡ଼ି କେନ୍ଦ୍ର ସମୂହ ପକ୍ଷରୁ ଧୂଷୁରୀଠାରେ ଗୋଷ୍ଠୀ ଅନ୍ନପ୍ରାସନ୍ନ ଏବଂ ପୁଷ୍ଟି ସପ୍ତାହ ପାଳନ କରାଯାଇଛି। ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟା, ଅଙ୍ଗନୱାଡ଼ି କର୍ମୀ, କର୍ମଚାରୀ, ଗର୍ଭବତୀ ଓ ପ୍ରସୂତି ମହିଳାମାନେ ଯୋଗ ଦେଇଥିଲେ। ଏହି ଅବସରରେ ୪ ଶିଶୁଙ୍କର ଅନ୍ନପ୍ରାସନ୍ନ କରାଯାଇଥିଲା। ସୁପରଭାଇଜର ନିରୂପମା ସେଠୀଙ୍କ ଅଧକ୍ଷତାରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଶିଶୁମାନଙ୍କ ଯତ୍ନରେ ପୁଷ୍ଟିସାର ଖାଦ୍ୟକୁ ଆପଣେଇବା ଏକାନ୍ତ ଜରୁରୀ ବୋଲି ସଭାରେ ବକ୍ତାମାନେ କହିଥିଲେ। କର୍ମୀ ସ୍ୱର୍ଣ୍ଣଲତା ରାୟ ମହାପାତ୍ର, ପ୍ରମିଳା ବେହେରା, ଶାନ୍ତିଲତା ଦୋବାଇ, ଭାରତୀ ପଣ୍ଡା, ସବୁଜିମା ତ୍ରିପାଠୀ, ମାମିନା ବାରିକ, ଅଳକା ମହାନ୍ତି, ତପସ୍ୱିନୀ ସାହୁ ଓ ମଧୁସ୍ମିତା ପତି ପ୍ରମୁଖ ପୁଷ୍ଟି ସପ୍ତାହ ପାଳନର ଉଦ୍ଦେଶ୍ୟ, ଖାଦ୍ୟର ଗୁଣ, ମା' କ୍ଷୀର ଓ ଅନ୍ନପ୍ରାସନ୍ନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

### ଚୋରାମଦ କାରବାର: ଜଣେ କୋର୍ଟ ଚାଲାଣ

**ବନ୍ତ, ୫।୯ (ସ୍ୱ.ପ୍ର.):** ବନ୍ତ ବ୍ଲକ ଆଗରପଡ଼ା ଥାନା ଅନ୍ତର୍ଗତ ଗୋପିନାଥପୁର ବାଲିଝର କେନାଲ ରାସ୍ତାରେ ବୁଧବାର ସନ୍ଧ୍ୟାରେ ଦେଶୀମଦ ଚୋରା ଚାଲାଣ ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଥିଲା। ସେ ହେଲେ ଗୋପୀନାଥପୁର ଗ୍ରାମର ନଟ ଟୁଡୁ। ଏ ନେଇ ଥାନାରେ ଏକ ମାମଲା(ନଂ.୧୧୭/୧୯) ରୁଜୁ କରି ପୋଲିସ ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରିଛି। ନଟ ସୋସୋ ଥାନା ଅନ୍ଧାରୀ ଅଞ୍ଚଳରୁ ଦେଶୀମଦ ଧରି ଆସୁଥିବା ବେଳେ ଖବର ପାଇ ଏଏସ୍ଆଇ ହୃଷୀକେଶ ବିଶ୍ୱାଳ ଓ ରାମେଶ୍ୱର ସୋରେନ ପହଞ୍ଚି ତାଙ୍କଠାରୁ ୧୨ ଲିଟର ମଦ ଜବତ କରିଥିଲେ।

### ଜିଲାସ୍ତରୀୟ କୃଷି ତାଲିମ

**ଭଣ୍ଡାରିପୋଖରୀ, ୫।୯ (ଡି.ଏନ.ଏ.):** ଧାମନଗର ଛକଠାରେ ଥିବା କୃଷି କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷି ଅଧିକାରୀ ଲକ୍ଷ୍ମଣ ଚନ୍ଦ୍ର ମୁର୍ମୁ ଅଧକ୍ଷତା କରିଥିଲେ। ଏଥିରେ ରୋଗପୋକ ସର୍ବେକ୍ଷଣ ଓ କୀଟ ପରିଚାଳନା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଭଣ୍ଡାରିପୋଖରୀ ବ୍ଲକ କୃଷି ଅଧିକାରୀ ବ୍ରଜକିଶୋର ବେହେରା, ଜିଲା ସହକାରୀ କୃଷି ଅଧିକାରୀ ମନୋଜ ପ୍ରଧାନ, କ୍ଷେତ୍ର ବିଶେଷଜ୍ଞ ବୈଷୟିକ ପରିଚାଳକ ମାନସ ଜେନା, ବନ୍ତ ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତି ପତି, ଅନିରୁଦ୍ଧ ରାୟ, ଅବିନାଶ ଜେନା ଓ ପ୍ରଶାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଭଣ୍ଡାରିପୋଖରୀ, ବନ୍ତ ଓ ଧାମନଗର ବ୍ଲକର ସମସ୍ତ କୃଷି କର୍ମଚାରୀ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

■ ଉଦ୍‌ଘାଟନର ୧୫ ବର୍ଷ ପରେ ବି...

# କାର୍ଯ୍ୟକ୍ଷମ ହୋଇପାରିଲାନି ରକ୍ତଭଣ୍ଡାର



ରକ୍ତଭଣ୍ଡାର ଗୃହ ଓ ଉଦ୍‌ଘାଟନ ଫଳକ।

■ଅଚଳ ପଡ଼ିଛି ରକ୍ତ ସଂରକ୍ଷଣ କେନ୍ଦ୍ର
■ହଇରାଣ ହେଉଛନ୍ତି ଥାଲାସେମିଆ ରୋଗୀ

**ବାସୁଦେବପୁର, ୫।୯ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତଭଣ୍ଡାର ଉଦ୍‌ଘାଟନ ହେବାର ୧୫ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇପାରି ନାହିଁ। ରକ୍ତ ସଂରକ୍ଷଣ କେନ୍ଦ୍ର ଭାବେ ବ୍ୟବହାର କରାଯାଉଥିବା ବେଳେ ଏବେ ଏହା ଅକାମୀ ହୋଇପଡ଼ିଛି। ଏହି ରକ୍ତଭଣ୍ଡାର ବାସୁଦେବପୁର ଅଞ୍ଚଳର ରୋଗୀମାନଙ୍କ ଆବଶ୍ୟକତା ପୂରଣ ଦିଗରେ ଆଶା ସଞ୍ଚାର କରିଥିବା ବେଳେ ଏହା ବାସ୍ତବତାଠାରୁ ଦୂରେଇ ଯାଇଛି।

ବାସୁଦେବପୁର ଅଞ୍ଚଳର ରୋଗୀମାନଙ୍କର ଆବଶ୍ୟକତା ଓ ଗୁରୁତ୍ୱକୁ ଉପଲବ୍ଧି କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରକ୍ତଭଣ୍ଡାର ନିର୍ମାଣର ପରିକଳ୍ପନା କରାଯାଇଥିଲା। ତତ୍କାଳୀନ ରାଜ୍ୟ ସଭା ସଦସ୍ୟ ଡ. ମନ୍ମଥ ଦାସଙ୍କ ପାଣ୍ଠି ବିନିଯୋଗରେ ଏଠାରେ ରକ୍ତଭଣ୍ଡାର ନିର୍ମାଣ କରାଯାଇଛି। ୨୦୦୪ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହାକୁ ଉଦ୍‌ଘାଟନ କରାଯାଇଥିଲା। ମାତ୍ର ଅଦ୍ୟାବଧି ଏହା କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାରରୁ ଆବଶ୍ୟକ ମୁତାବକ ରକ୍ତ ଅଣାଯାଇ ଏଠାରେ ଥିବା ସଂରକ୍ଷଣ କେନ୍ଦ୍ରରେ ମହଜୁଦ ରଖାଯାଇ ରୋଗୀଙ୍କୁ ପ୍ରଦାନ କରାଯିବାର ବ୍ୟବସ୍ଥା ଥିବା ସତ୍ତ୍ୱେ କାର୍ଯ୍ୟକାରୀ ହେଉ ନାହିଁ। ବିଦ୍ୟୁତ୍ ସମସ୍ୟା ଯୋଗୁ ରକ୍ତଷ୍ଟୋରେଜ ପାଇଁ ଥିବା ରେଫ୍ରିଜରେଟର୍ ପୂର୍ଣ୍ଣ ଭାବେ କାର୍ଯ୍ୟ କରୁ ନାହିଁ। ଫଳରେ ଗତ ଦୁଇମାସ ଧରି ଏହା ଅଚଳ ହୋଇରହିଛି ବୋଲି ଦାୟିତ୍ୱରେ ଥିବା ଟେକ୍ନିସିଆନ ଆଦିକନ୍ଦ ଦାଶ କହିଛନ୍ତି। ପ୍ରକାଶ ଯେ, ଏହି କେନ୍ଦ୍ରରେ ୫୦ରୁ ୬୦ ବୋତଲ ପର୍ଯ୍ୟନ୍ତ ରକ୍ତ ସଂରକ୍ଷଣ ବ୍ୟବସ୍ଥା ରହିଛି। କିନ୍ତୁ ପୂର୍ବରୁ ମାସରେ କେବଳ ୬/୭ ବୋତଲ ରକ୍ତ ନିୟମିତ ରୋଗୀଙ୍କୁ ଦିଆଯାଉଥିଲା ବୋଲି ଜଣାପଡ଼ିଛି। ବିଦ୍ୟୁତ ବିଭ୍ରାଟ ଯୋଗୁ ଅଧିକ ପରିମାଣରେ ରକ୍ତ ଏହି ରେଫ୍ରିଜରେଟରରେ ସଂରକ୍ଷଣ କରାଯାଇପାରୁ ନାହିଁ। ରକ୍ତ ନଷ୍ଟ ହେବା ଆଶଙ୍କାରେ ଅଧିକ ରଖାଯାଉ ନାହିଁ। ବର୍ତ୍ତମାନ କେନ୍ଦ୍ର ଅଚଳ ହୋଇ ରହିଥିବାରୁ ବିଶେଷକରି ଦୁର୍ଘଟଣାଜନିତ ରୋଗୀ, ଗର୍ଭବତୀ ଓ ପ୍ରସୂତି ଆବଶ୍ୟକ ସମୟରେ ରକ୍ତ ନ ପାଇ ମରଣମୁହଁରେ ପଡୁଥିବାବେଳେ ଜୀବନକୁ ବିପନ୍ନ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଛନ୍ତି। ଅନ୍ୟପକ୍ଷେ ବାସୁଦେବପୁରରେ ଚିହ୍ନଟ ହୋଇଥିବା ୪୬ଜଣ ଥାଲାସେମିଆ ରୋଗୀଙ୍କୁ ମାସିକ ରକ୍ତ ପରିବର୍ତ୍ତନ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ଉପରେ ନିର୍ଭର କରିବାକୁ ପଡୁଛି। ବାସୁଦେବପୁରରେ ରକ୍ତଭଣ୍ଡାର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ସହିତ ଆବଶ୍ୟକ ମୁତାବକ ରକ୍ତ ମହଜୁଦ ରଖାଗଲେ ରୋଗୀଙ୍କ ଆବଶ୍ୟକତା ମେଣ୍ଟିପାରନ୍ତା ଓ ଜୀବନ ରକ୍ଷା ହୋଇପାରନ୍ତା ବୋଲି ସାମାଜିକ କର୍ମୀ କିଶୋର କୁମାର ମହାପାତ୍ର ମତ ରଖିଛନ୍ତି। ଏ ଦିଗରେ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବାସୁଦେବପୁର ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ସାମନ୍ତଙ୍କୁ ଯୋଗାଯୋଗ କରିବାରୁ ଏହି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଏନ୍ଏସି ନିର୍ବାହୀ ଅଧିକାରୀଙ୍କୁ ଭେଟିଲେ କଂଗ୍ରେସ ପ୍ରତିନିଧି ଦଳ

**ଚାନ୍ଦବାଲି, ୫।୯ (ଡି.ଏନ.ଏ.)**

ଚାନ୍ଦବାଲି ଏନ୍ଏସିରେ କେତେକ ଅନିୟମିତତା ନେଇ ବ୍ଲକ କଂଗ୍ରେସର ଏକ ପ୍ରତିନିଧି ଦଳ ଗୁରୁବାର ନିର୍ବାହୀ ଅଧିକାରୀ ପ୍ରଭୁକଲ୍ୟାଣ ଦାସଙ୍କୁ ଭେଟିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ, ଷ୍ଟ୍ରିଟଲାଇଟ, ନାଳ ନର୍ଦ୍ଦମା ସଫେଇ, ରାସ୍ତା ନିର୍ମାଣରେ ଅନିୟମିତତା ଓ ସୈରାତ୍ ନିଲାମ୍ ପ୍ରସଙ୍ଗରେ ସେମାନେ ଆଲୋଚନା କରିଥିଲେ। ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସମସ୍ତ ଅଭିଯୋଗ ଶୁଣିବା ପରେ ସତ୍ୟତା ଅନୁଧ୍ୟାନ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିନିଧି ଦଳଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଚାନ୍ଦବାଲି କଂଗ୍ରେସ କମିଟିର ବରିଷ୍ଠ ନେତା ତଥା ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସଭ୍ୟ ନୁରୁ ମହମ୍ମଦ ଇସ୍‌ମାଇଲ୍ ନେତୃତ୍ୱ ନେଇଥିଲେ। ଚାନ୍ଦବାଲି ନଗର କଂଗ୍ରେସ କମିଟିର ସଭାପତି ବୃନ୍ଦାବନ ମହାଳିକ, କାର୍ଯ୍ୟକାରୀ ସଭାପତି ମହମ୍ମଦ ମଞ୍ଜୁର, ଉପସଭାପତି ବଦ୍ରିନାଥ ନାୟକ ଓ ସୁରେନ୍ଦ୍ରନାଥ ମହାନ୍ତି, ସାଧାରଣ ସମ୍ପାଦକ ମହମ୍ମଦ ୟାକୁବ୍, ସହସମ୍ପାଦକ ସୁଦର୍ଶନ ରାଉତ, କୋଷାଧ୍ୟକ୍ଷ ମନୋରଞ୍ଜନ ସାହୁ, ପରାମର୍ଶଦାତା କମିଟି ସଭ୍ୟ ପ୍ରଶାନ୍ତ ମିଶ୍ର, କଂଗ୍ରେସର ମହିଳା କମିଟି ସମ୍ପାଦିକା ସୁଲୋଚନା ନାୟକ, କାର୍ଯ୍ୟକାରୀ କମିଟି ସଭ୍ୟ ତବ୍‌ରେଜ୍ ଅଲ୍ଲୀସାହା, ଚାନ୍ଦବାଲି ବିଧାନସଭା ସୋସିଆଲ୍ ମିଡିଆ କଂଗ୍ରେସ କମିଟି ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକଙ୍କ ସମେତ ପ୍ରାୟ ୨୦ରୁ ଅଧିକ କମିଟି ସଭ୍ୟ ଆଲୋଚନା ବେଳେ ଉପସ୍ଥିତ ଥିଲେ।

## ମଦ ବାର୍‌କୁ ବିରୋଧକରି ମହିଳାଙ୍କ ଧାରଣା

**ଭଦ୍ରକ ଅଫିସ, ୫।୯**

ଭଦ୍ରକ ସହର ଡାହାଣୀଗଡ଼ିଆ ନିକଟସ୍ଥ ଏକ ହୋଟେଲ ମଧ୍ୟରେ ଖୋଲାଯାଉଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ମଦ ବାର୍‌କୁ ବିରୋଧ କରିଛି ପ୍ରଗତିଶୀଳ ମହିଳା ମଞ୍ଚ। ଗୁରୁବାର ପୂର୍ବାହ୍ନରେ ମଞ୍ଚ ପକ୍ଷରୁ ମହିଳାମାନେ ହୋଟେଲ ସମ୍ମୁଖରେ ଧାରଣା ଦେଇଥିଲେ। ମହିଳାଙ୍କ ଧାରଣା ଦେଖି ହୋଟେଲ କର୍ତ୍ତୃପକ୍ଷ ତାଲା ପକାଇ ପଳାଇ ଯାଇଥିବା ଜଣାପଡ଼ିଛି। ସେଠାରୁ ବାର୍ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଧାରଣାରତ ମହିଳାମାନେ ଦାବି କରିଥିଲେ। ସହର ବିକାଶ ନାମରେ ମଦଦୋକାନ ଓ ବାର୍ ଖୋଲାଯିବା ଘଟଣାକୁ ସେମାନେ ତୀବ୍ର ନିନ୍ଦା କରିଛନ୍ତି।

## ବାଇକ୍ ଚୋରଙ୍କୁ ଧରି ପୋଲିସ ଜିମା

**ବାସୁଦେବପୁର, ୫।୯ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ସହରର ମୁଖ୍ୟ ଡାକ୍ତରଖାନା ସାମ୍ନା ରାସ୍ତାରୁ ବୁଧବାର ସନ୍ଧ୍ୟାରେ ଜଣେ ବାଇକ୍ ଚୋରଙ୍କୁ ଧରି ଲୋକେ ପୋଲିସ ଜିମା ଦେଇଛନ୍ତି। ଏହି ଘଟଣାରେ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ରିପୋର୍ଟ ଲେଖା ହେବା ବେଳକୁ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ବାସୁଦେବପୁର ପୌରପାଳିକାର ଉଚ୍ଛିଡିହା ଗ୍ରାମର ଜଣେ ଯୁବକ ବୁଧବାର ସନ୍ଧ୍ୟାରେ ମୁଖ୍ୟ ସହରରେ ଥିବା ଏକ ଫଳଦୋକାନ ସାମ୍ନାରେ ତାଙ୍କ ହିରୋହୁଣ୍ଡା ବାଇକ୍ ରଖି ବଜାରକୁ ଯାଇଥିଲେ। ପରେ ଆସି ସେଠାରେ ତାଙ୍କ ବାଇକ୍ ନ ଥିବା ଦେଖିଥିଲେ। ସ୍ଥାନୀୟ କେତେକ ଯୁବକ ଓ ବାଇକ୍ ମାଲିକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ବାଇକ୍‌ଟିକୁ ପାଇ ନ ଥିଲେ। ଏହି ସମୟ ମଧ୍ୟରେ ଇରମ ଅଞ୍ଚଳର ସମ୍ପୃକ୍ତ ଯୁବକ ବାଇକ୍‌କୁ ନେଇ ଜାମୁଝାଡି ଆଡ଼କୁ ଯାଉଥିବା ବେଳେ ମାତାଜୀ ମଠ ପାଖ କାଠପୋଲ ନିକଟରେ ଲୋକେ ତାଙ୍କୁ କାବୁ କରିଥିଲେ। ପରେ ସେମାନେ ତାଙ୍କୁ ବାସୁଦେବପୁର ପୋଲିସ ଜିମା ଦେଇଥିଲେ।

## ମୋବାଇଲ ଦୋକାନରୁ ଚୋରି

**ଭଣ୍ଡାରିପୋଖରୀ, ୫।୯ (ଡି.ଏନ.ଏ.)**

୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଛତାବର ଛକଠାରେ ଥିବା ଏକ ମୋବାଇଲ ଦୋକାନରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋରମାନେ ଦୋକାନ ତାଲା ଭାଙ୍ଗି ମୋବାଇଲ ଓ ନଗଦ ଅର୍ଥ ଚୋରି କରି ନେଇଯାଇଥିବା ଦୋକାନୀ ରାମଚନ୍ଦ୍ରପୁର ଗ୍ରାମର ଶାଶ୍ୱତ ସ୍ୱାଇଁ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଛନ୍ତି। ଶାଶ୍ୱତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗଣେଶ ପୂଜା ଚାଲୁ ରହିଥିବାରୁ ସେ ମଙ୍ଗଳବାର ରାତିରେ ଦୋକାନକୁ ଶୋଇବାକୁ ଆସି ନ ଥିଲେ। ବୁଧବାର ଦୋକାନ ଖୋଲିବାକୁ ଆସି ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଦୋକାନରେ ଥିବା ନଗଦ ୫୦ ହଜାର ଟଙ୍କା ସହ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ମୋବାଇଲ ଚୋରି ହୋଇଛି। ପ୍ରକାଶଥାଉ କି, ଛତାବର ଛକଠାରେ ପୋଲିସ ପାଟ୍ରୋଲିଂ ସହ ରାତ୍ରଜଗୁଆଳି ବ୍ୟବସ୍ଥା ଅଛି। ମଙ୍ଗଳବାର ପୋଲିସ ରାତିରେ ଡ୍ୟୁଟିରେ ନ ଥିବାବେଳେ ଏଭଳି ଚୋରି ହୋଇଥିବା କୁହାଯାଉଛି।

## ୬ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଗୁରୁ ସମ୍ମାନ



ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ମାନିତ ଶିକ୍ଷକମାନେ।

**ଭଦ୍ରକ ଅଫିସ, ୫।୯**

ଆଦାନୀ ଧାମରା ବନ୍ଦରର ସିଏସ୍ଆର୍ ବିଭାଗ ପକ୍ଷରୁ ଗୁରୁଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ୬ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଗୁରୁ ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ଭଦ୍ରକ ଜିଲାର ଗ୍ରାମାଞ୍ଚଳରେ ବିଦ୍ୟାଳୟ ଶିକ୍ଷାକୁ ଅଧିକ ସୁଦୃଢ଼ କରିବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ବନ୍ଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ତ୍ରିପାଠୀ ସମ୍ମାନିତ କରିଛନ୍ତି। ଗୁରୁ ସମ୍ମାନ ସହିତ ଧାମରା ପୋର୍ଟ ପରିସରଭୁକ୍ତ ୯ଟି ପଞ୍ଚାୟତର ୯ ପ୍ରଧାନ ଶିକ୍ଷକ, ପ୍ରିନ୍ସିପାଲ ଏବଂ ଆଦାନୀ ଡିଏଭି ପବ୍ଲିକ ସ୍କୁଲର ସଂସ୍କୃତ, ଓଡ଼ିଆ, ଇଂଲିଶ, ସାମାଜିକ ବିଜ୍ଞାନ ଏବଂ ଭୂଗୋଳ ଶିକ୍ଷକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ବିଭିନ୍ନ ପରୀକ୍ଷାରେ ଛାତ୍ରମାନଙ୍କର ଯୋଗ୍ୟତା ଏବଂ ବିଦ୍ୟାଳୟର ଦକ୍ଷତା ବୃଦ୍ଧି କରିବାରେ ଏହି ଶିକ୍ଷକମାନଙ୍କର ଅବଦାନ ଥିବାରୁ ପ୍ରଂଶସିତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଧାମରା ପୋର୍ଟ ପକ୍ଷରୁ ୨୦୧୨ ମସିହାରୁ ଗୁରୁଦିବସ ପାଳିତ ହୋଇଆସୁଥିବା ବେଳେ ଏଯାଏ ୩୫ଜଣ ଶିକ୍ଷକଙ୍କୁ ଗୁରୁ ସମ୍ମାନରେ ସମ୍ମାନିତ କରାଯାଇଛି।

## 'ଗୁରୁଦେବ' ପୁସ୍ତକ ଉନ୍ମୋଚିତ



ଅତିଥିମାନେ 'ଗୁରୁଦେବ' ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଧାମନଗର, ୫।୯ (ଡି.ଏନ.ଏ.)**

ଧାମନଗର ରାମ ମନ୍ଦିର ପରିସରରେ ଗୁରୁଦିବସ ଅବସରରେ ଗୁରୁବାର ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଲେଖକ ହେମେନ୍ଦ୍ର ନାଥ ମହାନ୍ତିଙ୍କ ସ୍ୱରଚିତ ପୁସ୍ତକ 'ଗୁରୁଦେବ' ଉନ୍ମୋଚନ କରାଯାଇଛି। ଆୟୋଜିତ ଗୁରୁପୂଜନ କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଅବନି ପ୍ରଧାନ, ବାଇଧର ଦାଶ, ଶୋଭାରାଣୀ ପଣ୍ଡା, ସୁରେଶ ସାହୁ, ଭାସ୍କର ସାମଲ, ଗଣେଶ ପ୍ରସାଦ ରଥ, ଉଗ୍ରସେନ ଭୂୟାଁ ଏବଂ ନରେଶ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟାପକ ଚିତ୍ତରଞ୍ଜନ ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଡ. ରାମଚନ୍ଦ୍ର ପଣ୍ଡା ଓ ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ କହିଥିଲେ, ସାହିତ୍ୟ ସୃଷ୍ଟି ଏକ ନିଆରା ଆଶୀର୍ବାଦ। ସାହିତ୍ୟ ରଚନା ସମାଜରେ ଦିଗଦର୍ଶକ ଭାବେ ପରିଗଣିତ ହୋଇଆସିଛି। ସମ୍ମାନିତ ଅତିଥି ଭାବେ ଡ. ଅଟଳ ବିହାରୀ ନାୟକ, ସଂଗ୍ରାମୀ ବ୍ରଜକିଶୋର ରାଉତ, ଧାମନଗର ଅତିରିକ୍ତ ତହସିଲଦାର ଅଭିପ୍ସା ପଟ୍ଟନାୟକ, ଏନ୍ଏସି କାର୍ଯ୍ୟନିର୍ବାହୀ ଯତିନ୍ଦ୍ର ମିଶ୍ର, ଆଇନଜୀବୀ ଦେବାଶିଷ ସାମଲ, ପୂର୍ବତନ ଶିକ୍ଷାଧିକାରୀ ରାମଚନ୍ଦ୍ର ସାହୁ ଓ ନିରାକାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଗୁରୁଦେବ ପୁସ୍ତକ ଉନ୍ମୋଚନ କରାଯାଇଥିଲା। କୁଳମଣି ବେହେରା ସ୍ୱାଗତ ଭାଷଣ ଓ ହେମେନ୍ଦ୍ର ନାଥ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ମନୋଜ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତା ମରାମତି ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ଭଦ୍ରକ ଅଫିସ, ୫।୯**

ଭଦ୍ରକ ପଞ୍ଚାୟତ ସମିତି ଅନ୍ତର୍ଗତ ଅ ନ୍ନ ପା ଳ - ରା ଜୁ ଆ ଳି ବି ନ୍ଧ। (ରାଜମୁକୁନ୍ଦପୁର) ଓ ଆର୍ଆଇ ଅଫିସ୍‌ଠାରୁ ଦେଉଳପାଳ(ବାରିକପୁର) ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ୯ କି.ମି. ରାସ୍ତାଦେଇ ଦୈନିକ ଭଦ୍ରକ, ତିହିଡ଼ି ଓ ଧାମନଗର ବ୍ଲକର ପ୍ରାୟ ୧୦ ପଞ୍ଚାୟତର ଶତାଧିକ ଲୋକ ଯାତାୟାତ କରନ୍ତି। ଏହାଛଡ଼ା ଅନ୍ନପାଳ, ତଳଗୋପବିନ୍ଧା, ବିଲଣା, କୁବେରା ଓ କଟସାହି ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଜିଲା କାର୍ଯ୍ୟାଳୟ, ପଞ୍ଚାୟତ ସମିତି, ତହସିଲ ଅଫିସ୍, ସ୍କୁଲ, କଲେଜ, କୋର୍ଟ କଚେରି ଓ ମେଡ଼ିକାଲକୁ ଯିବା ଲାଗି ଏହି ରାସ୍ତା ଉପରେ ନିର୍ଭର କରନ୍ତି। ତୁରନ୍ତ ରାସ୍ତା ମରାମତି ଲାଗି ଭାଜପା ସାତଭଉଣୀ ମଣ୍ଡଳର ସଭାପତି ଆଦିକନ୍ଦ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଦାବି କରିଛନ୍ତି। ଖୁବ୍‌ଶୀଘ୍ର ମରାମତି ନ ହେଲେ ମଣ୍ଡଳ ପକ୍ଷରୁ ରାସ୍ତାରୋକୋ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ପ୍ରତିନିଧି ଦଳରେ ବିନୋଦ କୁମାର ନାୟକ, ନରହରି ବିଶ୍ୱାଳ, ଗୋପାଳ ଚନ୍ଦ୍ର ରାଉତ, ଲକ୍ଷ୍ମୀକାନ୍ତ ଜେନା, ପ୍ରହ୍ଲାଦ ସ୍ୱାଇଁ, ସୁରେନ୍ଦ୍ର ଦାସ, ଉମେଶ ଚନ୍ଦ୍ର ଗୁପ୍ତା, ଅଲେଖ ମହାଳିକ, ଅରକ୍ଷିତ ସାହୁ, ମହେନ୍ଦ୍ର ମହାଳିକ, ଉମାକାନ୍ତ ମହାଳିକ, ଗୋପବନ୍ଧୁ ମହାଳିକ ଓ ବୈକୁଣ୍ଠ ନାଥ ଜେନା ପ୍ରମୁଖ ଶତାଧିକ କର୍ମୀ ସାମିଲ ଥିଲେ।

ଉଲ୍ଲେଖନୀୟ ଯେ, ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗ ଆର୍‌ଡି-୧ ଅଧୀନରେ ଅନ୍ନପାଳଠାରୁ ରାଜମୁକୁନ୍ଦପୁର ପର୍ଯ୍ୟନ୍ତ ୫ କି.ମି. ଏବଂ ଆର୍ଆଇ ଅଫିସ୍‌ଠାରୁ ଦେଉଳପାଳ ବାରିକ୍‌ପୁର ପର୍ଯ୍ୟନ୍ତ ୪ କି.ମି. ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ। ମରାମତି ଅଭାବରୁ ରାସ୍ତାଟି ଶୋଚନୀୟ ହୋଇପଡ଼ିଛି। ଜିଲା ସଦର ମହକୁମାଠାରୁ ମାତ୍ର ୧୦ କି.ମି. ଦୂରରେ ଥିବା ଏହି ରାସ୍ତାର ଏଭଳି ଅବସ୍ଥାକୁ ନେଇ ଭାଜପା ସାତଭଉଣୀ ମଣ୍ଡଳ ପକ୍ଷରୁ କର୍ମକର୍ତ୍ତା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

## ୫ ହଜାର ଚାରାରୋପଣ

**ବନ୍ତ, ୫।୯ (ଡି.ଏନ.ଏ.)**

ବନ୍ତ ବ୍ଲକର ବିଭିନ୍ନ ବିଦ୍ୟାଳୟ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଗୁରୁବାର ୫ ହଜାର ଚାରାରୋପଣ କରାଯାଇଛି। ଜିଲାପାଳଙ୍କ ଚିଠି ନଂ. ୩୮୦୨/ ତା ୨୭।୮।୧୯ ଅନୁଯାୟୀ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଏହି ବ୍ଲକରେ ଚାରାରୋପଣ ପାଇଁ ପ୍ରଚାର କରାଯାଇ ୫ ହଜାର ଚାରା ସଂଗ୍ରହ କରାଯାଇଥିଲା। ଏ ସମସ୍ତ ଚାରା ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ ଏବଂ ରାଜସ୍ୱ ନିରୀକ୍ଷକ ପଞ୍ଚାୟତ ମୁଖ୍ୟାଳୟରୁ ସଂଗ୍ରହ କରିବା ସହ ରୋପଣ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏ ସମ୍ପର୍କରେ ବିଡିଓ ଚିଠି ନଂ.୨୬୧୧/ତା ୪।୯।୧୯ରେ ତହସିଲଦାର, ସିଡିପିଓ ଏବଂ ବିଇଓଙ୍କୁ ଅବଗତ କରିଥିଲେ।

## 'ଗଛ ଲଗାଇବା ଓ ଯତ୍ନ ନେବା ଗୁରୁଦାୟିତ୍ୱ'

**ଭଦ୍ରକ ଅଫିସ, ୫।୯**

ଭଦ୍ରକ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଗୁରୁବାର ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଶୋଭନ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ନୂଆ ବସ୍‌ଷ୍ଟାଣ୍ଡସ୍ଥିତ କଲ୍ୟାଣ ମଣ୍ଡପରେ ବୃକ୍ଷରୋପଣ କାଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ସହାୟତାରେ ଆୟୋଜିତ କାର୍ଯ୍ୟକ୍ରମରେ ପରିବାର ଅଦାଲତର ନ୍ୟାୟାଧିଶ ସଞ୍ଜୀବ ଦୁବେ, ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଣତି ସାହା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅମିୟ ରଞ୍ଜନ ଜେନା, ବରିଷ୍ଠ ଦେୱାନୀ ବିଚାରପତି ଶୁଭଞ୍ଜନ ମହାନ୍ତି, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଲୋପାମୁଦ୍ରା ମଲ୍ଲ, ରେଜିଷ୍ଟ୍ରାର ଜନକ ରାଉତ, ଜିଲା ଆଇନସେବା ପ୍ରାଧିକରଣର ସଚିବ ଅପର୍ଣ୍ଣା ମହାପାତ୍ର, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଶୁଭଗୌତମ ମିଶ୍ର, କନିଷ୍ଠ ଦେୱାନୀ ବିଚାରପତି ପ୍ରିୟରଞ୍ଜନ ଓଝା, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବିବେକ ସାସ୍‌ମଲ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ନର୍ମଦା କର, ରଶ୍ମିନାରାୟଣୀ ମିଶ୍ର, ଲିପ୍ସା ରାଉତ ଓ ସସ୍ମିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ପୀତାମ୍ବର ସାମଲ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ସାହୁ ଓ କୋର୍ଟ ମ୍ୟାନେଜର ମାନସ କୁମାର ରଥ ପ୍ରମୁଖ ଯୋଗଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ବୃକ୍ଷରୋପଣ ସହ ଚାରା ବଣ୍ଟନ କରାଯାଇଥିଲା। ସୂଚନାଥାଉ କି, ଗତ ଅଗଷ୍ଟ ୩୧ଠାରୁ ୫ ତାରିଖ ମଧ୍ୟରେ ଜିଲାର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ବିଭାଗ ପକ୍ଷରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଗଛ ଲଗାଯାଇଥିବା କୁହାଯାଇଛି।



ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଚାରପତି ଓ ଅନ୍ୟମାନେ।

## ଜୋର ଧରିଲା ମେଡିକାଲ କଲେଜ ପ୍ରତିଷ୍ଠା ଦାବି

**ଭଦ୍ରକଙ୍କୁ ଅଗ୍ରାଧିକାର ଦିଆ ନ ଗଲେ ଆମରଣ ଅନଶନ**

**ଭଦ୍ରକ ଅଫିସ, ୫।୯**

ଦେଶରେ ୭୫ଟି ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ ବୋଲି କେନ୍ଦ୍ର ସରକାରଙ୍କ ଘୋଷଣା ପରେ ଭଦ୍ରକରେ ଏହି କଲେଜ ସ୍ଥାପନ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ଜୋର ଧରିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷିତ ୭୫ଟି ସ୍ଥାନ ମଧ୍ୟରୁ ଭଦ୍ରକରେ ମେଡିକାଲ ପ୍ରତିଷ୍ଠାକୁ ଅଗ୍ରାଧିକାର ଦିଆ ନ ଗଲେ କର୍ମକର୍ତ୍ତା ଆମରଣ ଅନଶନ କରିବା ସହ ଓ ଆତ୍ମାହୂତି ଦେବେ ବୋଲି ଏକ ଖବରଦାତା ସମ୍ମିଳନୀରେ ଜିଲା ଓ ଯୁବ ଯାଦବ ମହାସଭା ପକ୍ଷରୁ ଚେତାବନୀ ଦିଆଯାଇଛି।

ଭଦ୍ରକ ସହରାଞ୍ଚଳ ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ଗୁରୁବାର ଜିଲା ଓ ଯୁବ ଯାଦବ ମହାସଭା ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଯୁବ ଯାଦବ ସଂଘର କାର୍ଯ୍ୟକାରୀ ସଭାପତି ପ୍ରକାଶଜ୍ୟୋତି ମହାକୁଡ ସଭାପତିତ୍ୱ କରିଥିଲେ।



ଖବରଦାତା ସମ୍ମିଳନୀରେ ଯାଦବ ସଂଘର କାର୍ଯ୍ୟକର୍ତ୍ତା।

ଗତବର୍ଷ ଜିଲାସାରା ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଆନ୍ଦୋଳନ କରାଯାଇଥିଲା। ଏପରିକି ଦିନିକିଆ ଜିଲା ବନ୍ଦ ଡାକରା ମଧ୍ୟ ଦିଆଯାଇଥିଲା। କିନ୍ତୁ ଚଳିତ ଥର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି। ଉଲ୍ଲେଖନୀୟ ଯେ, ଭଦ୍ରକ ଜିଲା ଚିକିତ୍ସାଳୟ ଉପରେ ଭଦ୍ରକ ଛଡ଼ା ବାଲେଶ୍ୱର, କେନ୍ଦୁଝର, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାର ପ୍ରାୟ ୨୪ ଲକ୍ଷ ଲୋକ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରନ୍ତି। ଅମର ବାରିକ, ରାଜୁ ଦାସ, ଶରତ ମହାକୁଡ, କାହ୍ନୁଚରଣ ବାରିକ, ରଞ୍ଜନ କୁମାର ବେହେରା, ବାପୁଜୀ ପରିଡା, ଶୁକଦେବ ବେହେରା, ଅମିୟ ପାଣ୍ଡବ, ଲଲାଟେନ୍ଦୁ ଦାସ, ପ୍ରଫୁଲ୍ଲ ପୃଷ୍ଟି ଓ ପ୍ରଦୀପ ବାରିକ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଲୁଟିନେଲେ ୨୫ହଜାର

**ବାରିପଦା ଅଫିସ,୫।୯:** ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଞ୍ଚଳରେ ଗୁରୁବାର ପୂର୍ବାହ୍ନରେ ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କଠାରୁ ୨ଜଣ ଲୁଟେରା ୨୫ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବାରିପଦା ୧୧ନଂ ୱାର୍ଡର ଅବସରପ୍ରାପ୍ତ କର୍ମଚାରୀ ଜଗଦୀଶ ଚନ୍ଦ୍ର ମହାପାତ୍ର ଷ୍ଟେସନ ରୋଡରେ ଥିବା ଆହ୍ଲାବାଦ ବ୍ୟାଙ୍କରୁ ୨୫ ହଜାର ଟଙ୍କା ଉଠାଇ ଏକ ବ୍ୟାଗ ରଖି ଘରକୁ ଫେରୁଥିଲେ। ଚାଲିଚାଲି ଯାଉଥିବା ସମୟରେ ବନ୍ଧସାହିଠାରେ ଲୁଟେରା ଦ୍ୱୟ ତାଙ୍କଠାରୁ ଟଙ୍କା ବ୍ୟାଗ ଝାମ୍ପିନେଇ ବାଇକ ଯୋଗେ ଫେରାର ହୋଇଯାଇଥିଲେ । ଏ ନେଇ ଜଗଦିଶ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।

### ବିଷଧର ସାପ ଓକାଳିଲା କୁକୁଡ଼ା ଅଣ୍ଡା



**ବାରିପଦା ଅଫିସ,୫।୯:** ବଡ଼ସାହି ବ୍ଲକ ଅଧୀନ କଦଳୀଆପାଳ ଗ୍ରାମର ଜଣେ ଲୋକଙ୍କ ଘରୁ ଏକ ବିଷଧର ସାପ ଉଦ୍ଧାର ହୋଇଛି। ଗତ ୨୭ ଦିନ ହେଲା ସାପଟି ଗ୍ରାମର ବହୁ ଲୋକଙ୍କ ଘରେ ପଶି କୁକୁଡାଗୁଡିକୁ ମାରି ଦେଉଥିବା ବେଳେ ଅଣ୍ଡାଗୁଡିକୁ ଗିଳି ଦେଉଥିଲା। ଲୋକେ କୁକୁଡା ମୃତ୍ୟୁର କାରଣ ଖୋଜି ପାଉ ନ ଥିଲେ । ଗ୍ରାମର ଭରତ ଚନ୍ଦ୍ର ମହାନ୍ତଙ୍କ ଘରେ କୁକୁଡା ମରି ପଡ଼ିଥିବା ଦେଖି ତାଙ୍କ ପରିବାର ଲୋକେ କୁକୁଡା ରହୁଥିବା ସ୍ଥାନକୁ ପରିଷ୍କାର କରିଥିଲେ। ସେହି ସ୍ଥାନରେ ଏକ ବିଷଧର ସାପ ଥିବା ଦେଖି ସ୍ନେକ ହେଲ୍ପ ଲାଇନର ସଦସ୍ୟ କୃଷ୍ଣଚନ୍ଦ୍ର ଗୋଚ୍ଛାୟତଙ୍କୁ ଖବର ଦେଇଥିଲେ । ସେ ଅନୁପସ୍ଥିତ ଥିବାରୁ ତାଙ୍କ ପତ୍ନୀ ସସ୍ମିତା ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ସାପଟି ଗିଳିଥିବା ଅଣ୍ଡାଗୁଡିକ ଓକାଳି ଥିଲା । ପରେ ସାପଟିକୁ ଜଙ୍ଗଲରେ ଛାଡି ଦିଆଯାଇଥିଲା। ତେବେ ଜଣେ ମହିଳାଙ୍କ ସାପ ଧରିବା କୌଶଳ ଦେଖି ସ୍ଥାନୀୟ ଲୋକେ ତାଙ୍କୁ ପ୍ରଶଂସା କରିଛନ୍ତି।

### ମହିଳାଙ୍କୁ ନିର୍ଯାତନା ନେଇ ଥାନାରେ ମାମଲା

**କୁଆମରା,୫।୯(ଡି.ଏନ୍.ଏ.):** ଖୁଣ୍ଟା ଥାନା ଅନ୍ତର୍ଗତ ଘଣ୍ଟଶୀଳା ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀଙ୍କ ସମେତ ଶାଶୁଘର ଲୋକେ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ମହିଳା ଜଣକ ହେଲେ ଦୁର୍ଗୀ ମୁର୍ମୁ(୩୫)। ଘଣ୍ଟଶୀଳା ଗ୍ରାମର କିଶାନ ମୁର୍ମୁଙ୍କ ସହ ୭/୮ ବର୍ଷ ତଳେ ତାଙ୍କର ବିବାହ ହୋଇଥିଲା। ବିବାହର କିଛି ବର୍ଷ ଠିକ୍ ଠିକ୍ ଚାଲିଥିବା ବେଳେ ଦୁଇ ବର୍ଷ ହେବ ସ୍ୱାମୀ ଓ ଶାଶୁଘର ଲୋକଙ୍କ ସହ ତାଙ୍କର ମନୋମାଳିନ୍ୟ ଘଟିବାରୁ ସ୍ୱାମୀ ଓ ଶାଶୁଘର ଲୋକେ ତାଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିବା ଦୁର୍ଗୀ ଅଭିଯୋଗରେ ଦର୍ଶାଇଛନ୍ତି। ଏଥିନେଇ ଥାନାରେ ଏକ ମାମଲା (ନଂ.୧୦୧/୧୯) ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ନବକୃଷ୍ଣ ନାଏକ କହିଛନ୍ତି।

### ଚିକିତ୍ସା ପାଇଁ ଆସିଥିବା ଯୁବକଙ୍କ ମୃତ୍ୟୁ

**ବେତନଟୀ,୫।୯(ଡି.ଏନ୍.ଏ.):** ବୈଶିଙ୍ଗା ଥାନା ଅଧୀନ ଭୀମପୁରା ଗ୍ରାମର ପାରଙ୍ଗ ଟୁଡୁ (୩୫) ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ତାଙ୍କ ପତ୍ନୀଙ୍କ ସହିତ ଗୁରୁବାର ଚିକିତ୍ସା ପାଇଁ ଆସିଥିବା ବେଳେ ଡାକ୍ତରଖାନା ପରିସରରେ ହଠାତ୍ ଟଳି ପଡିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ପାରଙ୍ଗ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଆସି ଡାକ୍ତରଖାନା ପରିସରରେ ବସିଥିବା ବେଳେ ରକ୍ତ ବାନ୍ତି କରି ସେଠାରେ ଟଳି ପଡିଥିଲେ । ବୈଶିଙ୍ଗା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବୁଲା ଗୋରୁଙ୍କ ପାଇଁ ବଢୁଛି ଦୁର୍ଘଟଣା

**ଉଦଳା,୫।୯(ଡି.ଏନ୍.ଏ.)**



ଉଦଳାଥାନା ଛକଠାରେ ରାସ୍ତା ଉପରେ ବୁଲା ଗୋରୁ ଶୋଇଛନ୍ତି।

- ଏନ୍ଏସି କର୍ତ୍ତୃପକ୍ଷ ନୀରବ
- ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ

ଦେଶ ତମାମ ଟ୍ରାଫିକ୍ ବ୍ୟବସ୍ଥା ଏବେ କଡାକଡି କରାଯାଇଛି। ଟ୍ରାଫିକ୍ ନିୟମ ଉଲ୍ଲଂଘନ କଲେ ମୋଟା ଅଙ୍କର ଦଣ୍ଡ ଗଣୁଛନ୍ତି ଗାଡି ଚାଳକ। ମାତ୍ର ଉଦଳାରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ରାସ୍ତାରେ ବୁଲା ଗୋରୁ ବୁଲୁଥିବାରୁ ଦୁର୍ଘଟଣା ସଂଖ୍ୟା ବଢି ଚାଲିଛି। ସହରରେ ବୁଲା ଗୋରୁଙ୍କ ଉତ୍ପାତ ଯୋଗୁ ପଥଚାରୀଙ୍କଠାରୁ ଆରମ୍ଭ କରି ଗାଡିଚାଳକମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଉଦଳା ଥାନା ଛକଠାରୁ ଚକାଡୋଳା ମାର୍କେଟ ଏବଂ ଚକାଡୋଳା ମାର୍କେଟ ଠାରୁ ଆରମ୍ଭ କରି ଉଦଳା ମୁଖ୍ୟ ବଜାର ରାସ୍ତା ଦେଇ ହାଇସ୍କୁଲ ଛକ ପର୍ଯ୍ୟନ୍ତ ରାସ୍ତା ମଝିରେ ଗୋରୁ ଶୋଇ ରହୁଥିବାରୁ ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟସ୍ତ ହେଉଛି। ଏପରିକି ଅନେକ ସମୟରେ ବଜାରରେ ବୁଲୁଥିବା ଷଣ୍ଢଗୁଡିକ ମଧ୍ୟରେ ଲଢେଇ ଲାଗୁଥିବାରୁ ଅନେକ ଗାଡିଚାଳକ ଆହତ ହେଉଥିବା ନଜିର ରହିଛି। ଏଭଳି ସମସ୍ୟା ଦୀର୍ଘ ଦିନ ହେବ ଲାଗି ରହିଥିବା ବେଳେ ଏଥିପ୍ରତି କେହି ଧ୍ୟାନ ଦେଉନାହାନ୍ତି । କିଛି ଦିନ ତଳେ ବାରିପଦାରୁ ଉଦଳା ଅଭିମୁଖେ ଆସୁଥିବା ଜଣେ ବ୍ୟକ୍ତି ରାତିରେ ରାସ୍ତା ମଝିରେ ଗାଈ ଶୋଇଥିବା ଜାଣି ନ ପାରି ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ହୋଇଥିଲେ। ଏନଏସି କର୍ତ୍ତୃପକ୍ଷ କିମ୍ବା ପୋଲିସ୍ ଦିଗରେ ପଦକ୍ଷେପ ନ ନେଇ ନୀରବ ରହୁଥିବା ଅଭିଯୋଗ ହେଉଛି। ଏଥିନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରତନ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ସେ କିଭଳି ରାସ୍ତାରୁ ଗୋରୁଙ୍କୁ ହଟାଯାଇପାରିବ ସେ ନେଇ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

## ନୂଆ ସଡ଼କ ସୁରକ୍ଷା ନିୟମ ନେଇ ସଚେତନତା

**ବାରିପଦା ଅଫିସ,୫।୯**




ଆରକ୍ଷୀ ଅଧୀକ୍ଷକ ପତାକା ଦେଖାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି।

କେନ୍ଦ୍ର ସରକାରଙ୍କ ପକ୍ଷରୁ ନୂଆ ମୋଟରଯାନ ନିୟମ ଲାଗୁ କରାଯିବା ପରେ ରାଜ୍ୟ ସରକାର ଏହାକୁ କଡ଼ାକଡ଼ି କରିଛନ୍ତି । ଫଳରେ ବିନା ଲାଇସେନ୍ସ ଓ ହେଲମେଟରେ ଗାଡି ଚଳାଇବା ସହିତ ଅନ୍ୟାନ୍ୟ ନିୟମ ଉଲ୍ଲଂଘନ କରୁଥିବା ଚାଳକମାନଙ୍କୁ ମୋଟା ଅଙ୍କର ଜରିମାନା ବ୍ୟବସ୍ଥା କରାଯାଇଛି। ଏଭଳି ବ୍ୟବସ୍ଥାକୁ ନେଇ ବାରିପଦା ସହରରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ମୟୂରଭଞ୍ଜ ପୋଲିସ ପକ୍ଷରୁ ଏକ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ମହାରାଜା ପୂର୍ଣ୍ଣଚନ୍ଦ୍ର ଜୁନିଅର କଲେଜ ଓ ବାରିପଦା ଏମ୍‌କେସି ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଶୁଭଙ୍କର ସାହୁ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ପରମାର ସ୍ମିଥ ପୁରୁଷୋତ୍ତମ ଦାସ, ସମ୍ମାନିତ ବକ୍ତା ଭାବେ ମୟୂରଭଞ୍ଜ ଉପଜିଲାପାଳ ତଥା ଆରଟିଓ ଦିବ୍ୟଜ୍ୟୋତି ପରିଡା, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଅଭିମନ୍ୟୁ ନାୟକ, ସଦର ଏସଡିପିଓ କୃଷ୍ଣ ପ୍ରସାଦ ପଟ୍ଟନାୟକ ଓ ଅତିରିକ୍ତ ପରିବହନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ମୋଟରଯାନ ଉପରେ ପ୍ରଣୟନ କରାଯାଇଥିବା ନୂଆ ନିୟମ ସମ୍ପର୍କରେ ଅତିଥିମାନେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ଜଣାଇଥିଲେ। ଇଂଲିଶ ଅଧ୍ୟାପିକା ଦେବସ୍ମିତା ପାଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ତପସ୍ୱିନୀ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା ରାଲି କଲେଜରୁ ବାହାରିଥିଲା । ଜିଲା ଆରକ୍ଷୀ ଅଧୀକ୍ଷକ ଦାସ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରମାନେ ହାତରେ ବିଭିନ୍ନ ନୂଆ ନିୟମ ଲାଗୁ ହୋଇଥିବା ପ୍ଲାକାର୍ଡ ଧରି ସହରରେ ଚଳପ୍ରଚଳ କରୁଥିବା ଜନସାଧାରଣଙ୍କୁ ସଚେତନ କରିଥିଲେ। ଟାଉନ ଥାନା ଅଧିକାରୀ ଅଶୋକ ନାୟକଙ୍କ ସମେତ ବହୁ ପଦାଧିକାରୀ ଏଥିରେ ସହଯୋଗ କରିଥିଲେ।

## କିଡ୍‌ନୀ ରୋଗରେ ପୁଣି ଜଣଙ୍କ ଜୀବନଗଲା

**କୁଆମରା ୫।୯ (ଡି.ଏନ.ଏ.)**

ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ପୁରୁଣା ବାରିପଦା ପଞ୍ଚାୟତର ମାଙ୍କଡକେଦା ଗ୍ରାମରେ କିଡ୍‌ନୀ ରୋଗରେ ପୁଣି ଜଣେ ଯୁବକଙ୍କ ବୁଧବାର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଭଜମନ ସିଂ (୨୯) । ଆଦିବାସୀ ଅଧ୍ୟୁଷିତ ଏହି ଗ୍ରାମରେ ଜଣଙ୍କ ପରେ ଜଣେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବାରୁ ଗ୍ରାମରେ ଆତଙ୍କ ପ୍ରକାଶ ପାଇଛି। ଗତ ବର୍ଷକ ମଧ୍ୟରେ ଏହି ଗାଁର ୧୦ ଜଣଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ ଘଟିଥିବା ବେଳେ ୧୨ରୁ ଅଧିକ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଏହି ଗ୍ରାମରେ ୧୧୦ ପରିବାର ଥିବା ବେଳେ ଲୋକ ସଂଖ୍ୟା ପାଖାପାଖି ୫ ଶହ। ତେବେ ସମସ୍ତ ପରିବାର ଆଦିବାସୀ ସଂପ୍ରଦାୟର ହୋଇଥିବା ବେଳେ ଉଚ୍ଚ ଚିକିତ୍ସା ପାଇଁ ସେମାନଙ୍କ ପାଖରେ ଅର୍ଥ ପ୍ରତିବନ୍ଧକ ସାଜୁଛି। ଗତ ଏପ୍ରିଲ ମାସରେ ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ପାଇଥିଲା। ବିଭାଗ ପକ୍ଷରୁ ଆକ୍ରାନ୍ତଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ମାତ୍ର ଅଦ୍ୟାବଧି ଏ ନେଇ କୌଣସି ରିପୋର୍ଟ ପହଞ୍ଚି ନାହିଁ। ବୁଧବାର ସନ୍ଧ୍ୟାରେ ଭଜମନଙ୍କର ମୃତ୍ୟୁ ଘଟିବା ପରେ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଭଜମନ ଜଣେ ରାଜ ମିସ୍ତ୍ରୀ ଭାବେ କାମ କରୁଥିଲେ। ଭଜମନଙ୍କ ରୋଜଗାର ଉପରେ ପରିବାର ନିର୍ଭର କରୁଥିବା ବେଳେ ତାଙ୍କ ମୃତ୍ୟୁ ପରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି।

## ଅପହୃତ ନାବାଳିକା ଉଦ୍ଧାର

**କୁଆମରା,୫।୯(ଡି.ଏନ୍.ଏ.)**

କୁଆମରା ଫାଣ୍ଡି ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ସେହି ଗ୍ରାମର ଜଣେ ୧୯ ବର୍ଷ ବୟସ୍କ ଯୁବକ ଅପହରଣ କରିଥିବା ନେଇଥିବା ଗତ ୧୮ ତାରିଖରେ ସଂପୃକ୍ତ ନାବାଳିକାଙ୍କ ବାପା ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୯୮/୧୯)ରୁଜୁ କରିଥିଲା। ଗୁରୁବାର ଖୁଣ୍ଟା ଥାନା ଅନ୍ତର୍ଗତ ଶୀଳଘାଟିଠାରେ ଉଭୟ ନାବାଳିକା ଓ ଅପହରଣକାରୀ ଯାଉଥିବା ବେଳେ ପୋଲିସ ସେମାନଙ୍କୁ ଧରି ଉଦଳା କୋର୍ଟରେ ହାଜର କରିଥିବା ଫାଣ୍ଡି ଅଧିକାରୀ ବଳରାମ ମହାରଣା କହିଛନ୍ତି।

## ଯୁବକ ସଂଘ ପକ୍ଷରୁ ନୃତ୍ୟ ପ୍ରତିଯୋଗିତା




ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି।

**କୋଷ୍ଠା,୫।୯(ଡି.ଏନ୍.ଏ.)**

ଶୂଳିଆପଦା ବ୍ଲକ ଅନ୍ତର୍ଗତ ପାକଟିଆ ଏମ.ଏସ. ଷ୍ଟାର ୟୁଥ କ୍ଲବ ପକ୍ଷରୁ ୧୦ତମ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇ ଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ପାକଟିଆ ସରପଞ୍ଚ ବାସନ୍ତୀ ମୁଣ୍ଡାଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ମୋରଡା ବିଧାୟକ ରାଜକିଶୋର ଦାସ, ସମ୍ମାନିତ ଅତିଥିଭାବେ ବିଜୁ ଜନତା ଦଳର ମୟୂରଭଞ୍ଜ ଜିଲା ସଭାପତି ତଥା ଓଡିଶା କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଶୂଳିଆପଦା ବ୍ଲକ ଅଧ୍ୟକ୍ଷ ଠୁମ୍ପୁ ହେମ୍ବ୍ରମ୍, ୫୩ ନଂ ଜିଲା ପରିଷଦ ସଦସ୍ୟ ସୁଧୀର କୁମାର ବେହେରା, ପାକଟିଆ ସମିତି ସଦସ୍ୟ ମୀନକେତନ ସି ପ୍ରମୁଖ ଯୋଗଦାନ କରି ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏଥିରେ ବିଭିନ୍ନ ଅଞ୍ଚଳର ପ୍ରତିଯୋଗୀ ଦଳ ଅଂଶ ଗ୍ରହଣ କରି ନୃତ୍ୟ ପରିବେଷଣ କରିଥିଲେ। ବିଚାରକ ମଣ୍ଡଳୀଙ୍କ ଦ୍ୱାରା ମୁଣ୍ଡାବଣି ଦଳ ପ୍ରଥମ, ହାତୀମଡା ଦଳ ୨ୟ ଓ ଝାଲିଆମରା ଦଳ ୩ୟ ସ୍ଥାନ ହାସଲ କରିଥିଲେ। ଏହି ଦଳଗୁଡିକୁ ପୁରସ୍କୃତ କରାଯାଇଥିବା ଯୁବକ ସଂଘର ସଭାପତି କୃପାସିନ୍ଧୁ ନାଏକ ଓ ସମ୍ପାଦକ ପ୍ରଭୁରାମ ପାଟବନ୍ଧା ପ୍ରକାଶ କରିଛନ୍ତି। ଏହି ପ୍ରତିଯୋଗିତା ଦେଖିବା ପାଇଁ ପାକଟିଆ ତଥା ଆଖପାଖ ଗ୍ରାମର ଶତାଧିକ ଜନସାଧାରଣଙ୍କ ସମାଗମ ହୋଇଥିଲା।

## ଅଣଅନୁଦାନ କଲେଜ ଶିକ୍ଷକ ସଂଘ ପାଳିଲେ କଳା ଦିବସ

**କପ୍ତିପଦା,୫।୯(ଡି.ଏନ.ଏ)**



ଅଧ୍ୟାପିକା ଓ ଅଧ୍ୟାପକ କଳା ଦିବସ ପାଳୁଛନ୍ତି।

ମୟୂରଭଞ୍ଜ ଅଣଅନୁଦାନପ୍ରାପ୍ତ କଲେଜ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଗୁରୁ ଦିବସକୁ କଳା ଦିବସ ଭାବରେ ପାଳନ କରିଛନ୍ତି। ସରକାର ନିର୍ବାଚନ ପୂର୍ବରୁ ୧ ଜୁନ ୨୦୦୮ରୁ ୩୦ ନଭେମ୍ବର ୨୦୧୩ ପର୍ଯ୍ୟନ୍ତ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ଗ୍ରାଣ୍ଟିନେଟ୍ ଦେବେ ବୋଲି କହି ଅଦ୍ୟାବଧି କୌଣସି ନିଷ୍ପତ୍ତି ଗ୍ରହଣ କରିନାହାନ୍ତି। ଶିକ୍ଷକ ସମସ୍ତ ପ୍ରକାର କାର୍ଯ୍ୟ ଯଥା କଲେଜ୍‌ର ୭ ଘଣ୍ଟା ପାଠପଢ଼ା, ଏନ୍‌ଏସ୍‌ଏସ୍, ଖାତା ଦେଖା, ନିର୍ବାଚନ କାର୍ଯ୍ୟ ଇତ୍ୟାଦି କରୁଥିଲେ ହେଁ ସେମାନଙ୍କର ନ୍ୟାର୍ଯ୍ୟ ଦାବିକୁ ସରକାର କାର୍ଯ୍ୟକାରୀ କରୁନାହାନ୍ତି । ଏଥିପାଇଁ ରାଜ୍ୟ ସଂଘ ଗତ ଅଗଷ୍ଟ ୨୫ ତାରିଖରେ ଭୁବନେଶ୍ୱର ଠାରେ ଏକ ପ୍ରେସ୍ ମିଟ୍ କରି ଗୁରୁ ଦିବସକୁ କଳା ଦିବସ ଭାବେ ପାଳିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ। ଗୁରୁବାର ମୟୂରଭଞ୍ଜ ସହିତ ଅନ୍ୟ ସମସ୍ତ ଜିଲାଗୁଡ଼ିକରେ ମଧ୍ୟ ଶିକ୍ଷକମାନେ ଗୁରୁ ଦିବସକୁ କଳା ଦିବସ ରୂପେ ପାଳିଛନ୍ତି । ଯଦି ସରକାର ଆଗାମୀ ଦିନରେ ଅଧ୍ୟାପକମାନଙ୍କର ଦାବିକୁ ପୂରଣ ନ କରନ୍ତି ତେବେ ଶୀତକାଳୀନ ବିଧାନସଭା ଅଧିବେଶନ ସମୟରେ ରାଜ୍ୟ ସଂଘ ଆମରଣ ଅନଶନ କରିବ ବୋଲି ଜିଲା ସଭାପତି ଡ. କମଳାକାନ୍ତ ଲେଙ୍କା ପ୍ରକାଶ କରିଛନ୍ତି।ଗୁରୁ ଦିବସକୁ କଳା ଦିବସ ରୂପେ ପାଳନ କରାଯାଉଛି।

### ଗୁରୁ ଦିବସରେ ଗୁରୁଙ୍କ ବିରୋଧରେ ଅଭିଯୋଗ

## ବହିଷ୍କୃତ ହେଲେ ଅତିଥି ଅଧ୍ୟାପକ

**ବାରିପଦା ଅଫିସ,୫।୯**

ଗୁରୁ-ଶିଷ୍ୟ ପରମ୍ପରା ନିଆରା। ସେଥିପାଇଁ ଆବହମାନ କାଳରୁ ଗୁରୁଦିବସ ପାଳନ ହୋଇଆସୁଛି। ତେବେ ଏଭଳି ଏକ ପୁଣ୍ୟ ତିଥିରେ ଛାତ୍ରୀମାନେ ନିଜ ଗୁରୁଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଫଳରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ମହାବିଦ୍ୟାଳୟରୁ ବହିଷ୍କୃତ କରାଯାଇଛି। ଏଭଳି ଏକ ଘଟଣା ଘଟିଛି ବାରିପଦା ସହର ବଡ଼ ବଜାରସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟରେ। ଦୀର୍ଘଦିନ ହେବ ଏହି ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀ ଓ ଅଭିଭାବକମାନେ ଅଭିଯୋଗ କରି ଆସୁଥିଲେ। ଗୁରୁବାର ଗୁରୁଦିବସରେ ଏହି ଘଟଣାର ପୂର୍ଣ୍ଣଚ୍ଛେଦ ପଡ଼ିଛି ।

ଅଭିଯୋଗ ଅନୁଯାୟୀ, ଏହି ମହାବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ବିଭାଗରେ ନିଯୁକ୍ତି ପାଇଥିବା ଅତିଥି ଅଧ୍ୟାପକ ତାଙ୍କ ପାଖରେ ଟିଉଶନ ପାଇଁ ଛାତ୍ରୀମାନଙ୍କୁ ବାଧ୍ୟ କରିଥାନ୍ତି। ଯିଏ ଟିଉଶନ ନ ହେଲା ତାଙ୍କୁ ଶ୍ରେଣୀଗୃହରେ ଧମକଚମକ ଦେବା ସହିତ ଦୁର୍ବ୍ୟବହାର ମଧ୍ୟ କରନ୍ତି । ଏ ନେଇ ଛାତ୍ରୀମାନେ ବାରମ୍ବାର ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ମହାବିଦ୍ୟାଳୟରେ ଅସନ୍ତୋଷ କୁହୁଳୁଥିଲା । ଗୁରୁବାର ସମ୍ପୃକ୍ତ ଅଧ୍ୟାପକଙ୍କୁ କଲେଜରୁ ବହିଷ୍କାର କରି ଦିଆଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଛି । ଏହି ଘଟଣାରେ ମତ ରଖି ଅତିଥି ଅଧ୍ୟାପକ ଜଣକ କହିଛନ୍ତି ଯେ, ତାଙ୍କ ବିରୋଧରେ ଷଡଯନ୍ତ୍ର କରାଯାଇ ଏଭଳି ଅଭିଯୋଗ କରାଯାଉଛି । ଏ ସମ୍ପର୍କରେ କଲେଜର ଅଧ୍ୟକ୍ଷ କୁହନ୍ତି, ଅଭିଭାବକ ଓ ଛାତ୍ରୀମାନଙ୍କ ଅଭିଯୋଗକୁ ଭିତ୍ତି କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ପରମ୍ପରା ବଜାୟ ରଖିଲେ ଛାତ୍ରୀଛାତ୍ର

**ବଡ଼ସାହି,୫।୯(ସ୍ୱ.ପ୍ର)**

ବଡସାହି ବ୍ଲକ ଅଧୀନ ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଛାତ୍ରୀଛାତ୍ରମାନେ ଗୁରୁଦିବସରେ ଗୁରୁପୂଜା କରି ଗୁରୁ ଶିଷ୍ୟ ପରମ୍ପରାର ମହନୀୟତାକୁ ବଜାୟ ରଖିଛନ୍ତି। ପ୍ରଧାନ ଆଚାର୍ଯ୍ୟା ଶାଶ୍ୱତୀ ଦାସମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା ସମିତି ସମସ୍ତ ସଦସ୍ୟା ସଦସ୍ୟ ଓ ଗୁରୁମା ଗୁରୁଜୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଶିଶୁ ଭଉଣୀଭାଇଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଛାତ୍ରୀଛାତ୍ରଙ୍କ ଗୁରୁବନ୍ଦନା

**ବାଙ୍ଗିରିପୋଷ,୫।୯(ଡି.ଏନ୍.ଏ.)**

ବାଙ୍ଗିରିପୋଷି ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରେ ଗୁରୁଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ପ୍ରଥମେ ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିବାପରେ ଗୁରୁ ବନ୍ଦନା କରିଥିଲେ । ମୁଣ୍ଡରେ ତିଳକ ଓ ପାଦଧରି ପ୍ରଣାମ କରି ଆଶିର୍ବାଦ ଭିକ୍ଷା କରିଥିଲେ । ବାଙ୍ଗିରିପୋଷି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଗୁରୁଦିବସ ପାଳିତ ହୋଇ ଯାଇଛି । ଆଚାର୍ଯ୍ୟ ଦିନବନ୍ଧୁ ମହାନ୍ତ କାର୍ଯ୍ୟକ୍ରମକୁ ଆଗେଇ ନେଇ ଗୁରୁଦିବସ ଏବଂ ଗୁରୁ ଶିଷ୍ୟ ସଂପର୍କରେ ଆଲୋକ ପାତ କରିଥିଲେ । ଆଚାର୍ଯ୍ୟା ପ୍ରଭାଶିନୀ ନନ୍ଦୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟ ଗୋବିନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟରେ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ପବିତ୍ର ଗୁରୁଦିବସ ପାଳନ କରାଯାଇଛି । ବିଭାଗର ମୁଖ୍ୟ ନିର୍ମଳ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ର ଯୋଗଦେଇ ଥିଲେ। ସାହିତ୍ୟ ଲିଟିଲ ଚାମ୍ପ ଇଂଲିଶ ମିଡିୟମ ସ୍କୁଲ,ବାଙ୍ଗିରିପୋଷି ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ ଦ୍ୱାରାଶୁଣି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,କଳାବାଡିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଧ୍ୟ ଗୁରୁଦିବସ ପାଳିତ ହୋଇଯାଇଛି।

## ଗୁରୁ ଦିବସ ପାଳିତ



ଗୁରୁଦିବସରେ ଛାତ୍ରୀଛାତ୍ରଙ୍କ ସହ ଅଧ୍ୟାପିକା ଅଧ୍ୟାପକ ।

**ବାରିପଦା ଅଫିସ,୫।୯**

ବାରିପଦା କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଗୁରୁ ଦିବସ ପାଳିତ ହୋଇଯାଇଛି । ବିଭାଗୀୟ ସେମିନାର ସମ୍ପାଦକ ଛାତ୍ର ସାନନ୍ଦ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଦିବସ ପାଳନ କରାଯାଇଛି । ମୁଖ୍ୟଅତିଥି ଭାବେ କଲେଜର ଅଧ୍ୟକ୍ଷ ଡକ୍ଟର ତରୁଣ କୁମାର ଓଝା, ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସ୍ମିତା ଦାସ ଓ ଅଧ୍ୟାପକ ସରୋଜ କୁମାର ବେହେରାଙ୍କୁ ବିଭାଗୀୟ ଛାତ୍ରୀଛାତ୍ରମାନେ ପାରମ୍ପରିକ ରୀତିରେ ପୂଜା କରିଥିଲେ। ପରେ ଉଦ୍ଭିଦ ବିଜ୍ଞାନର ସମସ୍ତ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକମାନେ ବଗିଚାରେ ଚାରାରୋପଣ କରିଥିଲେ। ବିଭାଗୀୟ ସହ ସମ୍ପାଦକ କୁମକୁମ ରଞ୍ଜନ ନାୟକ ଓ ଛାତ୍ରୀ ରତ୍ନପୂର୍ଣ୍ଣା ପରିଆଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ପୂଜ୍ୟପୂଜା ଉତ୍ସବ

**ରାସଗୋବିନ୍ଦପୁର,୫।୯(ଡି.ଏନ୍.ଏ.)**

ରାସଗୋବିନ୍ଦପୁର ବ୍ଲକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷକ ସଂଗଠନ ଓ ସମନ୍ୱୟ ସମିତି ଆନୁକୁଲ୍ୟରେ ପୂଜ୍ୟପୂଜା ଉତ୍ସବ ସ୍ଥାନୀୟ ବିନୋଦରାୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ବିନୋଦ କୁମାର ସିଂଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବିଡିଓ ଲଳିତକୁମାର ସରେଙ୍ଗ ମୁଖ୍ୟଅତିଥି, ବିଶିଷ୍ଟ ଗାନ୍ଧିବାଦୀ ଡ. ଆଦିତ୍ୟ ପଟ୍ଟନାୟକ ମୁଖ୍ୟବକ୍ତା, ଅବସରପ୍ରାପ୍ତ ବିଇଓ ଜୟନ୍ତକୁମାର ପାଣିଗ୍ରାହୀ, ପ୍ରମଥ କୁମାର ଘୋଷମହାପାତ୍ର, ଏବିଇଓ ଶ୍ରୀକୁମାର କବି, ରାମଚନ୍ଦ୍ର ରାଉତ, ବ୍ରଜବିହାରୀ ସାହୁ, ନିତ୍ୟାନନ୍ଦ ଘଡେଇ, ପ୍ରାକ୍ତନ ଶିକ୍ଷକ ନେତା ବେଣୁଧର ସାହୁ, ସନାତନ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷକ ପ୍ରଶାନ୍ତକୁମାର ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଚନ୍ଦ୍ରଶେଖର ପଣ୍ଡା ବେଦପାଠ କରିଥିଲେ। କମିଟି ସଭାପତି ମନ୍ମଥ ସାହୁ ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ନିକଟ ଅତୀତରେ ଅବସର ନେଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। କମିଟି ସମ୍ପାଦକ କ୍ଷେତ୍ରମୋହନ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଗଣେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ହନୁମାନ ମନ୍ଦିରରୁ ଚୋରି

**ଭଦ୍ରକ ଅଫିସ, ୫।୯:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଏରେଇଁ ହନୁମାନ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋରମାନେ ମନ୍ଦିରରେ ଥିବା ଠାକୁରଙ୍କ ଗହଣା, ଦାନହୁଣ୍ଡିରୁ ଟଙ୍କା ଓ ଘଣ୍ଟି ଘଣ୍ଟା ଚୋରି କରି ନେଇଯାଇଥିବା ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରି ଫେରିଛି। ଗତ ଶନିବାର ଜାନୁଗଞ୍ଜ ଶନିମନ୍ଦିର ଓ ତାରିଣୀ ମନ୍ଦିରରୁ ଅନୁରୂପ ଚୋରି ହୋଇଥିଲେ ମଧ ପୋଲିସ ଚୋରଙ୍କୁ କାବୁ କରିପାରି ନାହିଁ।

### ଗ୍ୟାସ୍ କଣ୍ଟେନର ଦୁର୍ଘଟଣାଗ୍ରସ୍ତ

**ଭଦ୍ରକ ଅଫିସ, ୫।୯:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଗେଲପୁର ନିକଟରେ ଗୁରୁବାର ଭୋର ସମୟରେ ଏକ ଗ୍ୟାସ୍ କଣ୍ଟେନର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପଶ୍ଚିମବଙ୍ଗର ହଳଦିଆରୁ ଚଣ୍ଡିଖୋଲ ଯାଉଥିବା ଗ୍ୟାସ୍ ଗାଡ଼ି ଗେଲପୁର ଛକରେ ଅଟକି ରହିଥିବା ଅନ୍ୟ ଏକ ଗାଡ଼ିକୁ ପଛରୁ ଧକ୍କା ଦେବାରୁ କଣ୍ଟେନର ଡ୍ରାଇଭର ଗୁରୁତର ଆହତ ହୋଇଥିଲେ। କେତେକ ସ୍ୱେଚ୍ଛାସେବୀ ଓ ଦମକଳ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଭଦ୍ରକ ଜିଲା ଚିକିତ୍ସାଳୟକୁ ପଠାଇଥିଲେ।

### ଶିକ୍ଷକ ସମ୍ମିଳନୀ, ସମ୍ବର୍ଦ୍ଧନା ସମାରୋହ

**ଚାନ୍ଦବାଲି, ୫।୯ (ଡି.ଏନ.ଏ.):** ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତିର ଚାନ୍ଦବାଲି ବ୍ଲକ ଶାଖା ଆନୁକୂଲ୍ୟରେ ବିଜୁ ସ୍ମୃତି ଭବନ ପରିସରରେ ଗୁରୁଦିବସ ଅବସରରେ ବ୍ଲକସ୍ତରୀୟ ଶିକ୍ଷକ ସମ୍ମିଳନୀ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି ସଭାପତି ପ୍ରଫୁଲ୍ଲ ଦାସ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ବ୍ୟୋମକେଶ ରାୟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଡିଇଓ ସଂଗ୍ରାମ ସାହୁ, ଜିଲାପରିଷଦ ଅଧକ୍ଷ ଦ୍ୱିଜବର ରାଉତ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଇଓ ପ୍ରଣୟ ନାୟକ, ସାମାଜିକ କର୍ମୀ ସୁଧୀର ମହାନ୍ତି, ରାଜ୍ୟ ଶିକ୍ଷକ ସଂଯୋଜିକା ଚାରୁଲତା ମହାପାତ୍ର ଓ ମନୋରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶାରଳା ଉଚ୍ଚ ବିଦ୍ୟାଳୟ, ସୁକଚାନ୍ଦ ମାନା ନୋଡାଲ ଉଚ୍ଚ ପ୍ରାଥମିକ, ସହଦେବ ଦାସପାଟଣା ମଧଇଂରାଜୀ ଓ ମଲିଲତା ଦାସ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସମ୍ମାନିତ କରାଯାଇଥିଲା। ବିବରଣୀ ପାଠ କରିଥିଲେ ଶିକ୍ଷକ ସମନ୍ୱୟ ସମିତିର ସମ୍ପାଦକ ପ୍ରଦୀପ ଦାଶ। ସୁଶାନ୍ତ ମଲ୍ଲିକ, ଶିବବ୍ରତ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ମୋଟର ଯାନ ନିୟମ ଅନୁପାଳନ

# ସଚେତନତା ପାଇଁ ଛକରେ ଲାଗିବ ପୋଷ୍ଟର, ବ୍ୟାନର

**ବାଲେଶ୍ୱର ଅଫିସ, ୫।୯**



ସଚେତନତା ବୈଠକରେ ଉପସ୍ଥିତ ଅଧିକାରୀ।

ବାଲେଶ୍ୱର ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଗୁରୁବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ମୋଟର ଯାନ ନିୟମ ଅନୁପାଳନ ଉପରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ ସେପ୍ଟେମ୍ବର ୧ ତାରିଖରୁ ରାଜ୍ୟରେ ଲାଗୁ ହୋଇଥିବା ଏହି ଆକ୍ଟର ବିଭିନ୍ନ ଧାରା, ଉପଧାରା ଦ୍ୱାରା କରାଯାଇଥିବା ଦଣ୍ଡ ବିଧାନ ଉପରେ ସଚେତନ କରାଯାଇଥିଲା।

ସରକାର ଟ୍ରାଫିକ୍ ନିୟମରେ ଖିଲାଫ ଏବଂ ବିଶୃଙ୍ଖଳାକୁ ନିୟନ୍ତ୍ରଣ ପାଇଁ କରିଥିବା ଏହି ଅର୍ଥ ଦଣ୍ଡ ଏବଂ ନିଶାସକ୍ତ ଯାନଚାଳନା ପାଇଁ ଜେଲ ଦଣ୍ଡାଦେଶ ଉପରେ ବିଶେଷ ଭାବେ ଅବଗତ କରାଯାଇଥିଲା। ନାବାଳିକାନାବାଳକମାନଙ୍କୁ ଯାନବାହନ ଚାଳନା ଉପରେ ପିତାମାତା ଯତ୍ନବାନ ହେବା ଉପରେ ପରାମର୍ଶ ଦିଆଯାଇଥିଲା। ଦ୍ରୁତଗାମୀ ଯାନକୁ ନିୟନ୍ତ୍ରଣ କରିବା, ବିନା ଲାଇସେନ୍ସରେ ଯାନ ଚାଳନା, ଯାତ୍ରୀବାହୀ ଯାନଗୁଡ଼ିକରେ କ୍ଷମତାରୁ ଅଧିକ ଯାତ୍ରୀ ପରିବହନ କରିବା, ଆମ୍ବୁଲାନ୍ସ/ଅଗ୍ନିଶମ ଯାନଗୁଡ଼ିକୁ ରାସ୍ତା ନ ଛାଡ଼ିବା ଉପରେ କେତେ ଅର୍ଥ ଦଣ୍ଡ ରହିଛି ତାହା ଗୃହକୁ ଅବଗତ କରାଯାଇଥିଲା। ଏଣିକି ସହରର ବିଭିନ୍ନ ସ୍ଥାନରେ ପୋଷ୍ଟର, ବ୍ୟାନର, ଲିଫଲେଟ୍ ମାଧ୍ୟମରେ ଲୋକଙ୍କୁ ଟ୍ରାଫିକ୍ ଓ ଦଣ୍ଡ ବିଧାନ ଉପରେ ସଚେତନ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାର କହିଥିଲେ। ତା' ଛଡ଼ା କେତେକ ସ୍ଥାନରେ ବ୍ଲିଙ୍କରିଂ ଲାଇଟ ଲଗାଯିବା, ହମ୍ପସ୍ ନିର୍ମାଣ, ଏକ ପାଖିଆ ଯାନ ଚାଳନା, ପାର୍କିଂ ବ୍ୟବସ୍ଥାରେ ଉନ୍ନତି କରିବା କାର୍ଯ୍ୟ କରାଯିବ ବୋଲି ବୈଠକରେ ପ୍ରକାଶ କରାଯାଇଥିଲା। ତେବେ ଦୁଇ ଚକିଆ ଯାନ ଚାଳକମାନେ ହେଲମେଟ୍ ପିନ୍ଧିବା ଓ ଚାରିଚକିଆ ଯାନଚାଳକ ସିଟ୍ ବେଲ୍ଟ ବ୍ୟବହାର ଯେପରି ଅଭ୍ୟାସରେ ପରିଣତ ହେବ ସେଥିପ୍ରତି ସଚେତନ ହେବାକୁ କୁହାଯାଇଥିଲା। ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚୌଧୁରୀ ବୈଠକର ଆଭିମୁଖ୍ୟ କହିବା ସହ ବିଭିନ୍ନ ଦଣ୍ଡ ବିଧାନ ଉପରେ ଆଲୋକପାତ କରିଥିବା ବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୋକିଲା ପେଟରେ ହଷ୍ଟେଲ ଛାଡ଼ିଲେ ୯ ଛାତ୍ର

**କେନ୍ଦୁଝର, ୫।୯ (ସ୍ୱ.ପ୍ର.)**

ସ୍ଥାନୀୟ ଗୁମୁରା ପ୍ରାଥମିକ ସ୍କୁଲର ୯ ଛାତ୍ର ହଷ୍ଟେଲ ଛାଡିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ, ଗୁରୁବାର ସ୍କୁଲର ଏହି ଛାତ୍ରମାନେ ପଳାଇ ଯାଉଥିବା ଦେଖି ଗ୍ରାମବାସୀ ସେମାନଙ୍କୁ ଅଟକାଇଥିଲେ। ସେମାନଙ୍କୁ ଭଲ ଖାଦ୍ୟ ମିଳୁ ନ ଥିବାରୁ ଭୋକିଲା ପେଟରେ ହଷ୍ଟେଲରୁ ବାହାରି ପଳାଇ ଯାଉଥିବା ଗ୍ରାମବାସୀଙ୍କ ଆଗରେ ପ୍ରକାଶ କରିଥିଲେ। ପ୍ରଶାସନଙ୍କୁ ଏ ବିଷୟରେ ଜଣାଇଥିବା ସ୍କୁଲ ଚେୟାରମ୍ୟାନ ଉମ୍ବରୁଧର ଜେନା କହିଛନ୍ତି। ଏହି ଛାତ୍ରଙ୍କ ଘର ଗୁଆଲି, ଝୁମ୍ପୁରା, ରାଇସୁଆଁ ଆଦି ଅଞ୍ଚଳରେ ବୋଲି ଜଣାପଡିଛି। ଆଦିବାସୀ ଉନ୍ନୟନ ବିଭାଗ ଅଧୀନ ଏହି ସ୍ୱଳ୍ପ ବ୍ୟୟ ହଷ୍ଟେଲରେ ୪୦ ଜଣ ପିଲା ରହୁଛନ୍ତି। ତେବେ ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ ଦାଶ ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସନ୍ଧ୍ୟାରେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଜୀବନ ସିଂ ମୁଣ୍ଡା ଓ ଅନ୍ୟ ପଦାଧିକାରୀ ଘଟଣାସ୍ଥଳକୁ ଯାଇ ଛାତ୍ର ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଛାତ୍ରମାନଙ୍କୁ ହଷ୍ଟେଲକୁ ଫେରାଇ ଆଣିବା ପାଇଁ ସେମାନେ ଉଦ୍ୟମ ଚଳାଇଥିବା ଜାଣିବାକୁ ମିଳିଛି।

# ୬୨ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ



ଛାତ୍ରୀଛାତ୍ର ପ୍ରକଳ୍ପ ଦେଖୁଛନ୍ତି।

**ବାସୁଦେବପୁର, ୫।୯ (ଡି.ଏନ.ଏ.)**

ବାସୁଦେବପୁର ଶିଶୁବିହାର ଶିକ୍ଷାନୁଷ୍ଠାନ ପକ୍ଷରୁ ବୁଧବାର ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରଙ୍କୁ ୪ଟି ବିଭାଗରେ ବିଭାଜିତ କରାଯାଇ ମୋଟ ୬୨ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅତିଥି ତଥା ବିଚାରକ ଭାବେ ଶିକ୍ଷକ ସମରେନ୍ଦ୍ର ବାରିକ, ବିଜୟ କୁମାର ବେହେରା, ଦୈତାରୀ ବେହେରା ଓ ସୌମେନ୍ଦ୍ର ପଣ୍ଡୁଆ ପ୍ରମୁଖ ଯୋଗଦେଇ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ମେଳାରେ ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବୁଲି ପ୍ରକଳ୍ପ ଦେଖିଥିଲେ। ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ ଶିକ୍ଷକ ଭରତ ନାୟକ। ପ୍ରଧାନଆଚାର୍ଯ୍ୟ ସନ୍ତୋଷ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଗୁରୁ ଶ୍ରେଷ୍ଠ କାରିଗର'



ଗୁରୁଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

**ଭଦ୍ରକ ଅଫିସ, ୫।୯**

ଭଦ୍ରକ ଜିଲା ସ୍କୁଲରେ ହାଇସ୍କୁଲର ପୁରାତନ ଛାତ୍ରସଂସଦର ମିଳିତ ପ୍ରୟାସରେ ଗୁରୁବାର ଗୁରୁଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଜଗବନ୍ଧୁ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ପୂର୍ବତନ ଛାତ୍ର ବରିଷ୍ଠ ଆଇନଜୀବୀ ପର୍ଶୁରାମ ଦ୍ୱିବେଦୀ, ଉପେନ୍ଦ୍ର ପଣ୍ଡା, ଚରମ୍ପା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ସୌରେଶ ଚନ୍ଦ୍ର ମହାନ୍ତି, ଡା.ପ୍ରଭାସ ମହାନ୍ତି ଓ ଡା.ମୁରଲୀ ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଜୟନ୍ତୀ କରଶର୍ମା ପ୍ରାରମ୍ଭିକ ସଙ୍ଗୀତ ପରିଚାଳନା ଓ ଶିକ୍ଷକ ଅଶୋକ କୁମାର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୁରାତନ ଛାତ୍ରସଂସଦ ପକ୍ଷରୁ ଜଣେ ସୁଦକ୍ଷ ଗୁରୁ ତଥା ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ନାୟକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଶିକ୍ଷକ ମନୋଜ ରାୟ ଧନ୍ୟବାଦ ଦେଇଥିଲେ।

## କେମିଷ୍ଟ, ଡ୍ରଗିଷ୍ଟ ଆସୋସିଏଶନର ବୈଠକ

**ବାସୁଦେବପୁର,୫।୯(ଡି.ଏନ.ଏ.)**

ଭଦ୍ରକ ଜିଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ ପକ୍ଷରୁ ବୈଠକ ବାସୁଦେବପୁରସ୍ଥିତ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଆସୋସିଏଶନର କର୍ମକର୍ତ୍ତା ଚୟନ କରାଯାଇଛି। ଆସୋସିଏଶନର ଆଞ୍ଚଳିକ କାର୍ଯ୍ୟକାରୀ କମିଟି ପାଇଁ ବାସୁଦେବପୁର ଥାନା ଜୋନ୍‌ରୁ କିଶୋର କୁମାର ମହାପାତ୍ରଙ୍କୁ ସଦସ୍ୟ ଭାବେ ଜିଲା କମିଟିକୁ ମନୋନୟନ କରାଯାଇଛି। ଜିଲା ସମ୍ପାଦକ ଦୀପକ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ନିର୍ବାଚନ ଅଧିକାରୀ ଭାବେ ବାବୁଲି ଚରଣ ବାରିକ ଓ ଗୁରୁପ୍ରସାଦ ମହାନ୍ତି ଯୋଗ ଦେଇଥିଲେ। ଉମାକାନ୍ତ ଖୁଣ୍ଟିଆ, ରାଧାରମଣ ପାଣିଗ୍ରାହୀ, ନିର୍ମଳ ଚନ୍ଦ୍ର ମଣ୍ଡଳ, କମଳାକାନ୍ତ ପଣ୍ଡା, ମାନସ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁରୁଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ଭଦ୍ରକ ଅଫିସ, ୫।୯**

ଭଦ୍ରକ ଆରଡ଼ି ଛକସ୍ଥିତ ଏନ୍‌ଆର୍‌ଆଇ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଗୁରୁଦିବସ ପାଳିତ ହୋଇଯାଇଛି। ସ୍କୁଲ ଅଧକ୍ଷ ନିତ୍ୟାନନ୍ଦ ଜେନାଙ୍କ ତତ୍ତ୍ୱାବଧାନରେ ଚେୟାରମ୍ୟାନ ନରେନ୍ଦ୍ର ପ୍ରସାଦ ସାହୁ ଓ କମଳା ସାହୁ ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ଫଟୋରେ ମାଲ୍ୟାର୍ପଣ ସହ ଦୀପ ପ୍ରଜ୍ୱଳନ କରିଥିଲେ। ଏହାପରେ ସାହୁ ଶିକ୍ଷାର ପ୍ରସାର, ପ୍ରଚାର ଓ ଛାତ୍ରୀଛାତ୍ର ଚରିତ୍ର ଗଠନ ଉପରେ ଆଲୋଚନା ହୋଇଥିଲା। ଡିଗ୍ରୀ କଲେଜ ଅଧକ୍ଷ ସୁଶାନ୍ତ ପାଣି, ନିର୍ଦ୍ଦେଶକ ଲକ୍ଷ୍ମୀଧର ନାୟକ, ବରିଷ୍ଠ ଶିକ୍ଷକ ମନୋରଞ୍ଜନ ଦୀକ୍ଷିତ ଶିକ୍ଷାର ଉନ୍ନତି ତଥା ପିଲାମାନଙ୍କ ସର୍ବାଙ୍ଗୀନ ଉନ୍ନତି ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେହିପରି ପ୍ରୋଜେକ୍ଟ ମାଧ୍ୟମରେ ବିଭିନ୍ନ ବିଷୟରେ ପ୍ରଦର୍ଶନ କରାଯାଇଥିଲା। ଭଦ୍ରକ ଉପକଣ୍ଠ ବଣିଆଁସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁଦିବସ ପାଳନ ଅବସରରେ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନଆଚାର୍ଯ୍ୟ ଗୁରୁଗୋବିନ୍ଦ ଘଡ଼ାଇ ପୁରାତନ ଓ ଆଧୁନିକ ଯୁଗର ଗୁରୁ ଶିଷ୍ୟ ପରମ୍ପରା ଉପରେ ଏକ ତୁଳନାତ୍ମକ ବିବରଣୀ ପ୍ରଦାନ କରିଥିଲେ।

# ବର୍ଷା ପାଣି ନିଷ୍କାସନ ଦାବିରେ ଧାରଣା



ତହସିଲ ଅଫିସ ଆଗରେ ଗ୍ରାମବାସୀ ଧାରଣାରେ ବସିଛନ୍ତି।

**ଔପଦା, ୫।୯(ଡି.ଏନ.ଏ.)**

ଔପଦା ବ୍ଲକ ସଦର ଯୋଡ଼ାଗଡ଼ିଆ ଗ୍ରାମର ଜଣେ ବ୍ୟକ୍ତି ଗ୍ରାମ୍ୟ ଗୋହିରି ରାସ୍ତାକୁ ଅବରୋଧ କରିବା ସହ ପଥର ବନ୍ଧ ବାନ୍ଧି ବର୍ଷା ପାଣିକୁ ଅବରୋଧ କରିବା ଦ୍ୱାରା ଗ୍ରାମରେ କୃତ୍ରିମ ବନ୍ୟା ସହ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବର୍ଷାପାଣି ଗ୍ରାମରେ ପଶି ରାସ୍ତା ଉପରେ ଚାଲିଥିଲା। ଏପରିକି ସ୍କୁଲ ଛାତ୍ରୀଛାତ୍ରୀମାନେ ବିଦ୍ୟାଳୟକୁ ଯିବା କାଠିକର ହୋଇ ପଡ଼ିଥିଲା। ଏହାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଔପଦା ତହସିଲଦାରଙ୍କଠାରେ ଏକ ଲିଖିତ ଅଭିଯୋଗ ଗତ ଅଗଷ୍ଟ ମାସ ୧୩ ତାରିଖରେ କରାଯିବା ପରେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇଥିଲା। କିନ୍ତୁ ପ୍ରତିକାର ନ ହେବାରୁ ଗ୍ରାମବାସୀ ତହସିଲ ଆଗରେ ଅନଶନରେ ବସିବାକୁ ନିଷ୍ପତ୍ତି ନେଇ ଔପଦା ତହସିଲଦାରଙ୍କ ସମେତ ବାଲେଶ୍ୱର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଲିଖିତ ଭାବେ ଜଣାଇଥିଲେ। ସେହି ଅନୁଯାୟୀ ଗୁରୁବାର ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ତହସିଲ ସମ୍ମୁଖରେ ପହଞ୍ଚି ପ୍ଲାକାର୍ଡ଼ ଧରି ଅନଶନରେ ବସିବା ପରେ ପ୍ରଶାସନର ଚେତା ପଶିଥିଲା। ତହସିଲଦାରଙ୍କ ଅନୁପସ୍ଥିତରେ ଅତିରିକ୍ତ ତହସିଲଦାର ହେମନ୍ତ ନାୟକ ଓ ଆରଆଇ ଚିଙ୍କନ ସେନାପତି ଅନଶନରତ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଅବରୋଧ ସ୍ଥାନକୁ ତୁରନ୍ତ ଉଚ୍ଛେଦ ସହ ଏଭଳି ବେଆଇନ ଅବରୋଧ କରିଥିବା ବ୍ୟକ୍ତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମବାସୀ ଅଡ଼ି ବସିଥିଲେ। ପରେ ୭ ଦିନ ମଧ୍ୟରେ ଦାବି ପୂରଣ ନେଇ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା।

# ଗ୍ରୀଲ ଭାଙ୍ଗି ସୁନା ଗହଣା ସହ ଟଙ୍କା ଚୋରି

**ପାଟଣା,୫।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଝାରବେଡା ଓ ତ୍ରିବିନ୍ଧା ସାହିରୁ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ନଗଦ ଟଙ୍କା ସହ ସୁନା ଗହଣା ଲୁଟ କରିନେଇଥିବା ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଛି। ଝାରବେଡା ସାହିର ଅନିରୁଦ୍ଧ ମହାନ୍ତଙ୍କ ଘର ଆଲମୀରା ଭାଙ୍ଗି ୪୦ହଜାର ଟଙ୍କା ସହ ୭୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନା ଅଳଙ୍କାର ଓ ତାଙ୍କ ଘରେ ଭଡାରେ ରହୁଥିବା ବ୍ୟାଙ୍କ କର୍ମଚାରୀ ପଞ୍ଚାନନ ନାଏକଙ୍କ ଘର ପାଚେରୀ ଓ ଗ୍ରୀଲ ଭାଙ୍ଗି ବାକ୍ସ ତାଡି ୮୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅନୁରୂପ ଭାବେ ସେହି ଗୋଟିଏ ରାତିରେ ତ୍ରିବିନ୍ଧା ସାହିର ଉଗ୍ରେସନ କାରୁଆଙ୍କ ଘରେ ଭଡାରେ ରହୁଥିବା ଶିକ୍ଷକ ତ୍ରିନାଥ ନାଏକଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ହୋଇଥିବା ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଛି। ତୁରୁମୁଙ୍ଗା ଥାନା ଏଏସଆଇ କୈଳାଶ ଚନ୍ଦ୍ର ମହାନ୍ତ ଏକ ମାମଲା (ନଂ୯୩/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

# ରେଳଯାତ୍ରୀଙ୍କ ସମସ୍ୟା ସମାଧାନ କରିବ ୧୮୨ ଟୋଲ୍ ଫ୍ରି ନମ୍ବର

**କେନ୍ଦୁଝର, ୫।୯(ସ୍ୱ.ପ୍ର.)**

କେନ୍ଦୁଝର ରେଳବାଇ ସୁରକ୍ଷା ବଳ (ଆରପିଏଫ) ତରଫରୁ ଯାତ୍ରୀ ଜନ ଜାଗରଣ କାର୍ଯ୍ୟକ୍ରମ ଗୁରୁବାର ସ୍ଥାନୀୟ କେନ୍ଦୁଝର ରେଳ ଷ୍ଟେଶନଠାରେ ଅନୁଷ୍ଠିତ ହୋଇଯାଇଛି। ରେଳବାଇ ଥାନା ଇନ୍ସପେକ୍ଟର ଅମରେଶ ବେହେରାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଆରପିଏଫ ସୁରକ୍ଷା ପୋଲିସ ରେଳଗାଡିରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ସେମାନଙ୍କ ସୁରକ୍ଷା ଓ ସୁରକ୍ଷାବଳଙ୍କ ଦାୟିତ୍ୱ ଉପରେ ସଚେତନ କରାଇଥିଲେ। ଯାତ୍ରୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କିପରି କରାଯିବ ଓ ପୋଲିସର ସହାୟତା ଆପାତକାଳୀନ ପରିସ୍ଥିତିରେ ନେଇପାରିବେ ସେ ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ରେଳବାଇ ପୋଲିସର ଟୋଲ୍ ଫ୍ରି ନମ୍ବର ୧୮୨ ବିଷୟରେ ରେଳ ଯାତ୍ରୀଙ୍କୁ ଅବଗତ କରାଯାଇଥିଲା। ଚୋରି ବା ଅନ୍ୟ କୌଣସି ସମୟରେ ଏହି ନମ୍ବରରେ ଯୋଗାଯୋଗ କରି ସହାୟତା ନେଇ ପାରିବେ ବୋଲି ଯାତ୍ରୀମାନଙ୍କୁ ଅବଗତ କରାଯାଇଥିଲା।




ରେଳ ଷ୍ଟେଶନରେ ଆରପିଏଫ ଲୋକଙ୍କୁ ସଚେତନ କରୁଛନ୍ତି।

# ସରସ୍ୱତୀ ପ୍ରତିଭା ସମ୍ମାନ ଉତ୍ସବ

**କେନ୍ଦୁଝର ୫।୯ (ସ୍ୱ.ପ୍ର.)**

ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନକୁ ଗୁରୁଦିବସ ଭାବେ ସମଗ୍ର ଜିଲାରେ ଧୁମଧାମରେ ପାଳନ ହେଉଥିବା ବେଳେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଏହି ଦିନକୁ ନିଆରା ଢଙ୍ଗରେ ପାଳନ କରାଯାଇଛି । ଗୁରୁଦିବସ ଅବସରରେ ବିଦ୍ୟାମନ୍ଦିର ପକ୍ଷରୁ ସରସ୍ୱତୀ ପ୍ରତିଭା ସମ୍ମାନ ବିତରଣ ଉତ୍ସବ ପାଳନ କରାଯାଇଛି।

ଶିକ୍ଷାଦାନରୁ ଅବସର ନେଇ ଅଲୋଡା ହୋଇରହିଥିବା ପୂଜ୍ୟାସ୍ପଦ ଗୁରୁମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏଭଳି ନିଆରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର, ଆଞ୍ଚଳିକ ଶ୍ରମ କମିଶନର ଲକ୍ଷ୍ମୀଧର ରଥ, ଶିକ୍ଷା ବିକାଶ ସମିତି ଉତ୍ତର ସମ୍ଭାଗର ସଭାପତି ସତ୍ୟ ନାରାୟଣ ମହାପାତ୍ର, ପରିଚାଳନା ସମିତିର ସଭାପତି ଡଃ କାର୍ତ୍ତିକ ଚନ୍ଦ୍ର ମିଶ୍ର, ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା, ଉପସଭାପତି ଇଂ. ହରମୋହନ ପଟ୍ଟନାୟକ, କୋଷାଧକ୍ଷ ନୀଳାମ୍ବର ମହାନ୍ତ, ଶିକ୍ଷା ବିକାଶ ସମିତିର ପ୍ରାକ୍ତନ ସମ୍ପାଦକ ଇଂ. ଅମରବର ଖଟୁଆ, ପୂର୍ବତନ ପ୍ରାଧ୍ୟାପକ ଡଃ ବନବିହାରୀ ମିଶ୍ର ଯୋଗଦେଇ ସମାଜର ଉନ୍ନତି ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋଚନା କରିଥିଲେ। ଉକ୍ତ ଉତ୍ସବରେ କେନ୍ଦୁଝର ଜିଲାର ପ୍ରତ୍ୟେକ ବ୍ଲକରୁ ଅବସରପ୍ରାପ୍ତ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକମାନଙ୍କୁ ପୁଷ୍ପଗୁଚ୍ଛ ସହିତ ସରସ୍ୱତୀ ପ୍ରତିଭା ସମ୍ମାନରେ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପୁରସ୍କୃତ ହୋଇଥିବା ଆଦର୍ଶ ଶିକ୍ଷାବିତମାନେ ହେଲେ ଆନନ୍ଦପୁର ବ୍ଲକର ଉପେନ୍ଦ୍ରନାଥ ଜେନା, ଜଗନ୍ନାଥ ଶତପଥୀ, ବାଂଶପାଳର ଶିରପାଣି ଦେହୁରୀ, ଗୟାଧର ଜେନା, ଚମ୍ପୁଆର ଗୌରଚନ୍ଦ୍ର କର ଓ ପୂର୍ଣ୍ଣଚନ୍ଦ୍ର ଦାଶ, ଘସିପୁରାର ବ୍ରଜବନ୍ଧୁ ଚକ୍ର, ମଙ୍ଗୁଳିଚରଣ ପୃଷ୍ଟି ଓ ପୂର୍ଣ୍ଣଚନ୍ଦ୍ର ପୃଷ୍ଟି, ଘଟଗାଁର ଜନାର୍ଦ୍ଦନ ଶତପଥୀ ଓ ଅନନ୍ତ ମିଶ୍ର, ହରିଚନ୍ଦନପୁରର ନରହରି ସାହୁ ଓ ନରହରି ମହାନ୍ତ, ହାଟଡିହୀର ଭାଗୀରଥି ଖୁଣ୍ଟିଆ ଓ ପୂର୍ଣ୍ଣଚନ୍ଦ୍ର ରାଉତ, ଝୁମ୍ପୁରାର ବାବାଜୀଚରଣ ପ୍ରଧାନ ଓ ନରେନ୍ଦ୍ର କୁମାର ପ୍ରଧାନ, ଯୋଡାର ମୁରଲୀଧର ବେହେରା ଓ ରମେନ କୁମାର ଦାସ, କେନ୍ଦୁଝରଗଡ ମ୍ୟୁନିସିପାଲିଟିରୁ ବି. କେ. ତାରା ସାହୁ ଓ ଉପେନ୍ଦ୍ର ନାଥ ଦାଶ, ପାଟଣାର କୁଳମଣି ସାହୁ, ଜଗବନ୍ଧୁ ପରିଡା ଓ ବିଦ୍ୟୁଲତା ଲେଙ୍କା, ସଦରର ସନାତନ ଦାସ ଓ ରାମଚନ୍ଦ୍ର ସାହୁ, ସାହାରପଡାରପ୍ରଭାତନଳିନୀ ମହାନ୍ତ ଓ ବନବିହାରୀ ମହାନ୍ତି, ତେଲକୋଇ ବ୍ଲକର ପଦ୍ମଲୋଚନ ସାହୁ ଓ ଧର୍ମିଳା ଦାସଙ୍କୁ ସମ୍ମାନିତ କରାଯାଇଥିଲା।



ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଛି।

